# ସ୍ୱାବଲମ୍ବୀ କରୁଛି 'ମୋ ମାଛ ପୋଖରୀ'

**ବାସୁଦେବପୁର, ୨୨।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ। ମାଛ ଚାଷ ଓ ଉତ୍ପାଦନ କ୍ଷେତ୍ରରେ ଏହି ବ୍ଲକ ଅଞ୍ଚଳରେ ଆବଶ୍ୟକ ଭିତ୍ତିଭୂମି ରହିଛି। ମାଛ ଚାଷ କରି ଚାଷୀମାନେ ଆତ୍ମନିର୍ଭରଶୀଳ ହେବା ସହିତ ରୋଜଗାରକ୍ଷମ ହୋଇପାରିଛନ୍ତି। ରାଜ୍ୟ ସରକାରଙ୍କ ମତ୍ସ୍ୟ ଉନ୍ନୟନ ଯୋଜନାରେ 'ମୋ ମାଛ ପୋଖରୀ' ମାଧ୍ୟମରେ ମଧୁର ଜଳରେ ମାଛ ଚାଷ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ଲକ ମତ୍ସ୍ୟ ବିଭାଗ ପକ୍ଷରୁ ୩୧ ଜଣ ମତ୍ସ୍ୟଚାଷୀଙ୍କୁ ଏହି ଯୋଜନାରେ ୧୪.୬୮ ହେକ୍ଟର ଜମି(ଶାରଦ ୨) ଯୋଗାଇ ଦିଆଯାଇଥିବା ବେଳେ ପୋଖରୀ ଖୋଳାଯାଇ ମାଛ ଚାଷ କରାଯାଇଛି। ସର୍ବନିମ୍ନ ୧୮ ଗୁଣ୍ଠ ଜମିରେ ପୋଖରୀ ଖୋଳାଯାଇ ୫୦ ଡିସିମିଲ ଓ ସର୍ବାଧିକ ୭ ଏକର ଜମିରେ ପୋଖରୀ ଖୋଳାଯାଇ ୫ ଏକର ଜମିର ଜଳଭାଣ୍ଡରେ ମାଛଚାଷ ଲାଗି ବ୍ୟବସ୍ଥା ଅଛି। ହେକ୍ଟର ପିଛା ୮.୫୦



ଲକ୍ଷ ଟଙ୍କାର ଯୋଜନା ଥିବାବେଳେ ପ୍ରତି ଚାଷୀଙ୍କ ପାଇଁ ୪.୨୫ ଲକ୍ଷ ଟଙ୍କାର ସବ୍‌ସିଡି ବ୍ୟବସ୍ଥା ମଧ୍ୟ ରହିଛି।

ଉଲ୍ଲେଖନୀୟ ଯେ, ଚଳିତବର୍ଷ ମତ୍ସ୍ୟ ପୋଖରୀ ଖୋଳିବା ପାଇଁ ବ୍ଲକର ୨୦ରୁ ଊର୍ଦ୍ଧ୍ୱ ଚାଷୀ ନିଜର ନାମ ପଞ୍ଜୀକରଣ କରିଛନ୍ତି। ଏଥିସହ ସେମାନଙ୍କର ଶାରଦ(୨) ଜମିର କାଗଜପତ୍ର ମତ୍ସ୍ୟ ଅଧିକାରୀଙ୍କ ପୋଖରୀ ଯାଞ୍ଚ ନିମନ୍ତେ ଜମା ଦେଇଥିବା ଜଣାପଡ଼ିଛି। ମଧୁର ଜଳରେ ମାଛ ଚାଷ ଏକ ଲାଭଦାୟକ ବ୍ୟାପାର। ଏହାଛଡ଼ା ପୋଖରୀ ହୁଡା, ଆଡିରେ ମଧ୍ୟ ସମନ୍ୱିତ କୃଷି ତଥା ପରିବା ଚାଷ କରି ଚାଷୀମାନେ ବାର୍ଷିକ ହେକ୍ଟର ପିଛା ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କମାଇ ପାରୁଛନ୍ତି। ସମନ୍ୱିତ କୃଷିରୁ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଥିବା ଅଗ୍ରଣୀ ଚାଷୀ ଅରଣ୍ଡୁଆର ଅରୁଣ କୁମାର ମହାନ୍ତି ଓ ବ୍ରାହ୍ମଣଗାଁର ସଞ୍ଜୀବ କୁମାର ମହାପାତ୍ର କହିଛନ୍ତି। ସେହିପରି ଭେଡ଼ା ଅଞ୍ଚଳ କୁହାଯାଉଥିବା କ୍ଷେମପୁର ଗ୍ରାମର ଯୁବ ମତ୍ସ୍ୟଚାଷୀ ବ୍ରଜକିଶୋର ମଲ୍ଲିକ ନିଜର ୩୨ ଗୁଣ୍ଠ ଜମିରେ ମଧୁର ଜଳ ପୋଖରୀ ଖୋଳି ମାଛ ଓ ପରିବା ଚାଷ କରିଛନ୍ତି। ଏହି ଚାଷ ତାଙ୍କ ପରିବାରକୁ ଦାନ ଯୋଗାଇବା ସହ ସ୍ୱାବଲମ୍ବୀ କରିଛି ବୋଲି ସେ କହନ୍ତି। ଏହି ଯୋଜନାରେ ବରଣ୍ଡୁଆ ଗ୍ରାମର ଅଗ୍ରଣୀ ଚାଷୀ ନାରାୟଣ ପଣ୍ଡା ନିଜ ପୋଖରୀରୁ ମାଛ ଓ ଯାଆଁଳ ଉତ୍ପାଦନ କରି ଜିଲାରେ ଜଣେ ଅଗ୍ରଣୀ ଚାଷୀ ଭାବେ ମଧ୍ୟ ସମ୍ମାନିତ ହୋଇଛନ୍ତି। ଏ ସମ୍ପର୍କରେ ବ୍ଲକ ମତ୍ସ୍ୟ ଅଧିକାରୀ ଗଦାଧର ରାଉତଙ୍କୁ ପଚାରିବାରୁ କହିଛନ୍ତି, ୨୦୧୭-୧୮ ଆର୍ଥିକ ବର୍ଷରେ ୧୫ରୁ ଊର୍ଦ୍ଧ୍ୱ ଓ ୨୦୧୮-୧୯ ବର୍ଷରେ ୩୧ ଚାଷୀଙ୍କୁ ମୋ ମାଛ ପୋଖରୀ ଯୋଜନାରେ ସାମିଲ କରାଯାଇ ସେମାନଙ୍କୁ ସବ୍‌ସିଡି ସହିତ ସମ୍ପୂର୍ଣ୍ଣ ଋଣ ଦିଆଯାଇଛି। ଏହା ଏକ ଲାଭଦାୟକ ଚାଷ ବୋଲି ସେ ମତ ରଖିବା ସହିତ ତାଙ୍କ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀ ପରିବାରର ପିଲାଙ୍କୁ ଚିହ୍ନଟ କରାଯାଇ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯାଉଥିବା ସେ କହିଛନ୍ତି।



ଦୁର୍ଗାପୂଜା ଉପଲକ୍ଷେ ଶୈବପୀଠ ଆରଡ଼ିରେ ରବିବାର ମା' ଦୁର୍ଗାଙ୍କ ବଗଳାମୁଖୀ ବେଶ।

## ସଂକ୍ଷେପରେ

### 'ସମ୍ବିଧାନ ମୁଖବନ୍ଧରେ ସ୍ଥାନିତ ହେଉ ଅହିଂସା'

**ଧାମନଗର, ୨୨।୯ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଶହୀଦନଗରସ୍ଥିତ ଶହୀଦ ପୀଠରେ ବିଜେଡି ପକ୍ଷରୁ ଏକ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅହିଂସା ସବୁଠାରୁ ବଡ଼ ଧର୍ମ ଡାକରାରେ ଭାରତର ସମ୍ବିଧାନ ମୁଖବନ୍ଧରେ ଅହିଂସା ଶବ୍ଦ ସ୍ଥାନିତ ନେଇ ଦାବି କରାଯାଇଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପୂର୍ବରୁ ଅହିଂସା ସ୍ଥାନିତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ଦଳ ପକ୍ଷରୁ ସ୍ୱାଗତ ଜଣାଯାଇଛି। ୭୭ତମ ଶହୀଦ ସ୍ମୃତି ଦିବସ ପାଳନ ଅବସରରେ ଅତିଥିମାନେ ପ୍ରଥମେ ସ୍ମୃତି ମଣ୍ଡପରେ ଶହୀଦମାନଙ୍କୁ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଆୟୋଜିତ ସାଧାରଣ ସଭାରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ତିହିଡ଼ି ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ, ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବ୍ଲକ ସଭାପତି ରଘୁନାଥ ଲେଙ୍କା, ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ ଓ ବ୍ଲକ ସମ୍ପାଦକ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ସେବା ସପ୍ତାହରେ କମ୍ବଳ ବଣ୍ଟନ

**ବନ୍ତ, ୨୨।୯ (ଡି.ଏନ.ଏ.):** ସେବା ସପ୍ତାହ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ଭାଜପା ପକ୍ଷରୁ ଗୋବିନ୍ଦପୁର ମହାଦେବ ମନ୍ଦିରଠାରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ବନମାଳୀ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଜିଲା ଭାଜପା ସଭାପତି ବଦ୍ରିନାରାୟଣ ଧଳ ଯୋଗଦେଇ ସିଙ୍ଗଲ୍ ୟୁଜ୍‌ଡ ପ୍ଲାଷ୍ଟିକ ବର୍ଜନ ଓ ଜଳ ସଂରକ୍ଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ଗୋବିନ୍ଦପୁର ପଞ୍ଚାୟତର ଅନୁସୂଚିତ ଜାତି ଓ ଜନଜାତିର ଆର୍ଥିକ ଅନଗ୍ରସର ପରିବାରଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସେବା ସପ୍ତାହ କମିଟିର ସଦସ୍ୟ ରବିନାରାୟଣ ସାହୁ, ମନୋଜ ବିଶ୍ୱାଳ, ଭାସ୍କର ସେନାପତି, ମଦନ ମୋହନ ସାହୁ, ବିଶ୍ୱନାଥ ନାୟକ, ବିଦ୍ୟାଧର ସେନାପତି, ସୌଭାଗ୍ୟ ନାୟକ, ପପୁ ରଣା, ବିଷ୍ଣୁମୋହନ ଜେନା, ଉମାକାନ୍ତ ନାୟକ ଓ ଶରତ ଜେନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମୋଦିଙ୍କ ଜୀବନୀ ଆଧାରିତ ଫଟୋ ପ୍ରଦର୍ଶନୀ



ଫଟୋ ପ୍ରଦର୍ଶନୀରେ ଭାଜପା ନେତୃବୃନ୍ଦ।

**ଭଦ୍ରକ ଅଫିସ, ୨୨।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ଅବସରରେ ସେବା ସପ୍ତାହ କାର୍ଯ୍ୟକ୍ରମ ଭଦ୍ରକ ଜିଲାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମର ଅଂଶବିଶେଷ ମୋଦିଙ୍କ ଜୀବନୀ ଆଧାରିତ ଫଟୋ ପ୍ରଦର୍ଶନୀ କୋର୍ଟ ଫାଟକ ପାର୍ଶ୍ୱରେ ଚାଲୁ ରହିଛି। ଧାମନଗର ବିଧାୟକ ବିଷ୍ଣୁ ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଭାଜପାର ବରିଷ୍ଠ ନେତା ମନମୋହନ ସାମଲ, ଜିଲା ସଭାପତି ବଦ୍ରିନାରାୟଣ ଧଳ, ଡ. ପ୍ରଦୀପ ନାୟକ, ଅଭିମନ୍ୟୁ ସେଠୀ ଓ ମାଧବାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ପ୍ରଦର୍ଶନୀକୁ ଆସୁଥିବା ଲୋକଙ୍କୁ ମୋଦିଙ୍କ ଜୀବନୀ ସମ୍ପର୍କରେ ଅବଗତ କରାଇଥିଲେ। ଏହି ପ୍ରଦର୍ଶନୀରେ ମୋଦିଙ୍କ ଛାତ୍ର ଜୀବନରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ବିଭିନ୍ନ ଉଲ୍ଲେଖନୀୟ ଘଟଣାବଳୀକୁ ପ୍ରଦର୍ଶିତ କରାଯାଇଛି। ୫ ଦିନ ବ୍ୟାପୀ ପ୍ରଦର୍ଶନୀ ଚାଲିବ। ଜିଲାର ସମସ୍ତ ପଦାଧିକାରୀ, ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଏବଂ ମଣ୍ଡଳ ସଭାପତିମାନେ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଘଟଣା

# ୨ ଯୁବକ ଅଟକ

**ଧାମନଗର, ୨୨।୯ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ଏକ ପୋଲ ନିକଟରେ ଫିଙ୍ଗିଦେଇଥିବା ଘଟଣାରେ ପୋଲିସ ୨ ଜଣଙ୍କୁ ଥାନାକୁ ନେଇ ଅଟକ ରଖିଛି। ମୁଖ୍ୟ ଅଭିଯୁକ୍ତ ଫେରାର ଥିବାବେଳେ ତାଙ୍କର ଦୁଇ ସହଯୋଗୀଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ ପୀଡ଼ିତା ନାବାଳିକାଙ୍କ ଅଭିଯୋଗ ଅନୁସାରେ, ଗତ ୮ ତାରିଖ ବିଳମ୍ବିତ ରାତିରେ ସେ ବାହାରକୁ ଉଠିଥିବାବେଳେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାଙ୍କ ମୁହଁରେ କପଡ଼ା ଦେଇ ଘରକୁ ଉଠାଇ ନେଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିବା ପରେ ଘରକୁ ଯାଇ ଆଧାର କାର୍ଡ ଆଣିବାକୁ ବାଧ କରିଥିଲେ। ଆଧାର କାର୍ଡ ନେଇ ବାହାରକୁ ପଳାଇ ବିବାହ ଯୋଜନା କଥା ସେ ତାଙ୍କୁ କହିଥିଲେ। ଏଥିରେ ନାବାଳିକା ରାଜି ନ ହେବାରୁ ବାହାରେ ଅପେକ୍ଷା କରିଥିବା ଅଭିଯୁକ୍ତଙ୍କ ଦୁଇ ସହଯୋଗୀ ତାଙ୍କୁ ମାଡ଼ ମାରିଥିଲେ। ତାଙ୍କୁ ନେଇ ଦକ୍ଷିଣବାଡ଼ ବଡ଼ ପୋଲ ନିକଟରେ ଫିଙ୍ଗି ଦେଇ ପଳାଇ ଯାଇଥିଲେ। ୯ ତାରିଖ ଭୋର ସମୟରେ ଦକ୍ଷିଣବାଡ଼ ଗ୍ରାମର ଦୁଇ ଯୁବକ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ମାମୁଙ୍କ ଜିମା ଦେଇଥିଲେ। ଏ ସମ୍ପର୍କରେ ସେହିଦିନ ଧାମନଗର ଥାନାରେ ଜଣାଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ପରିବାର ପକ୍ଷରୁ ଘଟଣାର ସମାଧାନ ପାଇଁ ଉଦ୍ୟମ କରାଯାଇଥିଲା। ଏପରି କି ଅଭିଯୁକ୍ତଙ୍କୁ ତାଙ୍କ ପରିବାର ଲୋକେ ଥାନାରେ ଜିମା ଦେବା କଥା ମଧ୍ୟ ହୋଇଥିଲା। ମାତ୍ର ଏହାମଧ୍ୟରେ ୧୩ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଥାନାରେ ହାଜର ହୋଇ ନ ଥିଲେ। ଶନିବାର ନାବାଳିକା ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୮୭/୧୯) ରୁଜୁ କରିଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ପୋଲିସ କହିଛି।

# ରାଷ୍ଟ୍ରୀୟ ସମାବେଶରେ ସାମିଲ ହେବେ ୧୫ ହଜାର କୃଷକ



ପ୍ରସ୍ତୁତି ବୈଠକରେ କୃଷକ ସଙ୍ଗଠନର କର୍ମକର୍ତ୍ତା।

**ଭଣ୍ଡାରିପୋଖରୀ, ୨୨।୯ (ଡି.ଏନ.ଏ.)**

### ନବନିର୍ମାଣ କୃଷକ ସଙ୍ଗଠନର ପ୍ରସ୍ତୁତି ବୈଠକ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ପଡ଼ିଆରେ ରବିବାର ନବନିର୍ମାଣ କୃଷକ ସଙ୍ଗଠନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୬ ତାରିଖରେ ଭୁବନେଶ୍ୱରଠାରେ ହେବ ରାଷ୍ଟ୍ରୀୟ ସମାବେଶ। ଏଥିରେ ୩ ଲକ୍ଷ କୃଷକଙ୍କ ସମାବେଶକୁ ଦୃଷ୍ଟିରେ ରଖି ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରୁ ୧୫ ହଜାର କୃଷକ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବୈଠକରେ କୁହାଯାଇଥିଲା। ସରକାରୀ ବ୍ୟବସ୍ଥା ପ୍ରତି କୃଷକମାନଙ୍କର ଅସନ୍ତୋଷ ନେଇ ବିଷଦ ଆଲୋଚନା କରାଯାଇ ସଙ୍ଗଠିତ ହୋଇ ବିରୋଧ କରିବାକୁ ମତପ୍ରକାଶ ପାଇଥିଲା। ସଙ୍ଗଠନର ଭଦ୍ରକ ଜିଲା ସହ ସଂଯୋଜକ ସତ୍ୟରଞ୍ଜନ ନାୟକଙ୍କ ସଭାପତିତ୍ୱ ଓ ଆର୍ତ୍ତତ୍ରାଣ ତିୱାରୀଙ୍କ ସଞ୍ଚାଳନାରେ ବହୁ ସଦସ୍ୟ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା କୃଷକ ସଙ୍ଗଠକ ଗଣେଶ ଜେନା, କମଳାକାନ୍ତ ଲେଙ୍କା, ସୁଶାନ୍ତ ଦାସ, ରାଧାଶ୍ୟାମ ମହାନ୍ତି, ଚିନ୍ତାମଣି ଜେନା, ରତ୍ନାକର ଜେନା, ଅଜିତ୍ ଚାନ୍ଦ, ମୁରଲୀ ଦାସ, ଉପେନ୍ଦ୍ର ପରିଡା ଓ ହରିଶ୍ଚନ୍ଦ୍ର ଦାସ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ବ୍ଲକ ସଙ୍ଗଠନର କର୍ମକର୍ତ୍ତା ଚୟନ ହୋଇଥିଲା। ପ୍ରଦୀପ ସାମଲ ଓ ରବୀନ୍ଦ୍ର ପଣ୍ଡାଙ୍କୁ ଉପଦେଷ୍ଟା, ବିବେକାନନ୍ଦ ଜେନା ସଂଯୋଜକ, ଦେବେନ୍ଦ୍ର ବାରିକ, ବିଜୟ ନାୟକ, ପଦ୍ମନାଭ ସାହୁ, ନିରାକର ରାଉତଙ୍କୁ ସହ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସଙ୍ଗଠନର ଜିଲା ସଂଯୋଜକ ତ୍ରିଲୋଚନ ପଣ୍ଡା ବୈଠକରେ ଉପସ୍ଥିତ ଥିଲେ।

# ନିର୍ମାଣାଧୀନ କୋଠାରୁ ମିଳିଲା ଝୁଲନ୍ତା ମୃତଦେହ

**ଭଦ୍ରକ ଅଫିସ, ୨୨।୯**

### ହତ୍ୟା ସନ୍ଦେହ

ଭଦ୍ରକ ଜିଲା ବନ୍ତ ଛକ ନିକଟ ଏକ ନିର୍ମାଣାଧୀନ କୋଠାର ୩ ମହଲାରୁ ରବିବାର ଅପରାହ୍ନରେ ଝୁଲନ୍ତା ଅବସ୍ଥାରେ ଜଣେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଟାଉନ ଥାନା ପୋଲିସ ଉଦ୍ଧାର କରିଛି। ମୃତଦେହର ପାରିପାର୍ଶ୍ୱିକ ଅବସ୍ଥା ଦେଖି ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଥାନାଧିକାରୀ ସରୋଜିନୀ ସିଂ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଟାଉନ ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୦୩/୧୯) ରୁଜୁ କରି ତଦନ୍ତ ଚଳାଇଛି। ଏସ୍‌ଡିପିଓ ଜଳନ୍ଧର ଜାଲି ଓ ଏସ୍‌ପି ରାଜେଶ ପଣ୍ଡିତ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି।

ଯୁବକଙ୍କ ମୃତଦେହ ଆଣ୍ଠୁ ମାଡ଼ି ମାଟିରେ ଲାଗି ଝୁଲି ରହିଥିବାରୁ ତାଙ୍କୁ ଅନ୍ୟତ୍ର ହତ୍ୟା କରି ଏଠାରେ ଆଣି ଝୁଲାଇ ଦିଆଯାଇଥିବା ସନ୍ଦେହ କରାଯାଉଛି। ମୃତକ ଆଖପାଖ ଅଞ୍ଚଳର ହୋଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟାକାଣ୍ଡ କି ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଉଲ୍ଲେଖନୀୟ ଯେ, ଉକ୍ତ କୋଠାରେ ଅନେକ ଅସାମାଜିକ କାର୍ଯ୍ୟ ଓ ୩ରୁ ଅଧିକ ହତ୍ୟାକାଣ୍ଡ, ଏକାଧିକ ଅପମୃତ୍ୟୁ ଘଟିଥିବା କାରଣରୁ ଏହା ଅସାମାଜିକ ଯୁବକଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି। ଭଦ୍ରକ ସହରରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି ଯାହାକି ପୋଲିସର ମୁଣ୍ଡବ୍ୟଥାର କାରଣ ସାଜିଛି। କିଛିଦିନ ହେବ ରାତି ପ୍ରାୟ ୧୧ଟା ପରେ ସହରରେ ନାକାବନ୍ଦୀ ଚାଲିଛି। ତଥାପି ଜଣେ ମଧ୍ୟ ଅପରାଧୀଙ୍କୁ ପୋଲିସ କାବୁ କରିପାରି ନ ଥିବା ଅଭିଯୋଗ ହେଉଛି।



ମଦମୁକ୍ତ ଓଡ଼ିଶା ଗଠନ ପାଇଁ ପୀରହାଟରୁ ଭୁବନେଶ୍ୱର ସାଇକେଲ ଯାତ୍ରା କରୁଥିବା ତିହିଡ଼ି କାଳୀମେଘାର ତ୍ରିଲୋଚନ ମହାଳିକଙ୍କୁ ଭଦ୍ରକରେ ସମ୍ବର୍ଦ୍ଧନା ଦିଆଯାଉଛି।

# ପ୍ଲାଷ୍ଟିକ ବର୍ଜନ ସଚେତନତା

**ବନ୍ତ, ୨୨।୯ (ଡି.ଏନ.ଏ.)**

ବନ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସିଙ୍ଗଲ୍ ୟୁଜ୍‌ଡ ପ୍ଲାଷ୍ଟିକ୍ ବର୍ଜନ ଓ ଜଳ ସଂରକ୍ଷଣକୁ ନେଇ ସଚେତନତା ସଭା, ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ପ୍ରଧାନଶିକ୍ଷକ ସୁଧାଂଶୁ ପଣ୍ଡାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଣୟ କୁମାର ପଢିଆରୀ ପରିବେଶର ସୁରକ୍ଷା ଓ ଜଳ ସଂରକ୍ଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହ ଏ ନେଇ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ। ଜିଲା ଭାଜପା ସଭାପତି ବଦ୍ରିନାରାୟଣ ଧଳ, ଜିଲା କୋଷାଧକ୍ଷ ପ୍ରଦୀପ୍ତ ବିଶ୍ୱାଳ, ବନ୍ତ ସଙ୍କୁଳ ପ୍ରମୁଖ ଲକ୍ଷ୍ମୀଧର କର, ସେବା ସପ୍ତାହ କମିଟି ସଦସ୍ୟ ରବିନାରାୟଣ ସାହୁ, ଆଇନଜୀବୀ ବନମାଳୀ ଜେନା ଓ ଖଗେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇଥିଲେ।



ବନ୍ତ ସରସ୍ୱତୀ ଶିଶୁମନ୍ଦିରରେ ଶପଥପାଠ କାର୍ଯ୍ୟକ୍ରମରେ ଶିକ୍ଷକ ଓ ଛାତ୍ରୀଛାତ୍ର।

# ଶହୀଦ ସ୍ମୃତି ଦିବସରେ ପ୍ଲାଷ୍ଟିକମୁକ୍ତ ପାଇଁ ଶପଥ

**ଧାମନଗର, ୨୨।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଶହୀଦନଗର ଶହୀଦ ସ୍ମୃତି ମଣ୍ଡପରେ ୭୭ତମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦିନସାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୋରରେ ପ୍ରଭାତଫେରି, କବି ପୋଖରୀ ଘାଟରେ ତିଳତର୍ପଣ, ପତାକା ଉତ୍ତୋଳନ ପରେ ଚିତ୍ରଶିଳ୍ପୀ ଜୟନ୍ତ ନାୟକଙ୍କ ଦ୍ୱାରା ବାଲୁକା କଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରାଯାଇଥିଲା। ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ ଏବଂ ଧୂଷୁରୀ ଥାନା ଆଇଆଇସି ପ୍ରଫୁଲ୍ଲ କୁମାର ସିଂଙ୍କ ଉପସ୍ଥିତିରେ ଶହୀଦଙ୍କ ଉଦ୍ଦେଶ୍ୟରେ ପୋଲିସ ବାହିନୀ ଦ୍ୱାରା ତୋପ ସଲାମୀ ଦିଆଯାଇଥିଲା। ପରେ ଭଦ୍ରକ ଜିଲାରୁ ଆଗତ କବିମାନଙ୍କ ଦ୍ୱାରା କବିତା ଆସର ଅନୁଷ୍ଠିତ ହୋଇଥିଲା। କଂଗ୍ରେସର ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତ, ପୂର୍ବତନ ଏମ୍‌ପି ମୁରଲୀଧର ଜେନା, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଧାମନଗର କୋର୍ଟ ଓକିଲ ସଂଘ ଓ ଗାନ୍ଧୀ ବାଳାଶ୍ରମ ଅନ୍ତେବାସୀ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ କମିଟି ପକ୍ଷରୁ ମଣ୍ଡପ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ଝୋଟି, ମୁରୁଜ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଧାରଣ ସଭା ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ଲାଷ୍ଟିକମୁକ୍ତ ଶପଥପାଠ କରାଯାଇଥିଲା।

ସାଧାରଣ ସଭା କମିଟି ସଭାପତି ବିଧାୟକ ବିଷ୍ଣୁ ସେଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ସିପିଆଇ ନେତା ଚନ୍ଦ୍ରଶେଖର ନାୟକ ଓ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କମିଟି ସାଧାରଣ ସମ୍ପାଦକ ପ୍ରିୟତମା ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭୟ କୁମାର ଦ୍ୱିବେଦୀ ଯୋଗଦେଇ ଭାରତଛାଡ଼ ଆନ୍ଦୋଳନ ସମୟରେ ଧୂଷୁରୀ ଅଞ୍ଚଳକୁ ପ୍ରଥମ ସ୍ୱାଧୀନ ଘୋଷଣା ଓ ବ୍ରିଟିଶ ପୋଲିସର ଦମନଲୀଳାରେ ଲୁଣିଆ ଚାନ୍ଦିଆପଶି ପଡ଼ିଆରେ ୧୯୪୨ ସେପ୍ଟେମ୍ବର ୨୨ ତାରିଖରେ ଗୁଳିକାଣ୍ଡରେ ୯ ସଂଗ୍ରାମୀ ଶହୀଦ ହୋଇଥିବା ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପୂର୍ବତନ ଜିଲାପାଳ ସ୍ୱର୍ଗତ ଶ୍ରୀକାନ୍ତ ପାଇକରାୟ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ୯ ଶହୀଦଙ୍କ ପରିବାରର ଦାୟାଦ ଏବଂ ସଂଗ୍ରାମୀ ସ୍ୱର୍ଗତ ମୁରଲୀଧର ପଣ୍ଡା, ରମାନାଥ ପଣ୍ଡା ଓ ଜଗବନ୍ଧୁ ପଣ୍ଡା ପ୍ରମୁଖଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଶପଥପାଠ କରୁଛନ୍ତି।

## ସଂକ୍ଷେପରେ



### ସିଡିଏମ୍‌ଓଙ୍କୁ ଶୁଭେଚ୍ଛା

ବଉଳା, ୨୨।୯ (ଡି.ଏନ.ଏ.) ହାଟଡିହୀ ବ୍ଲକର ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅଶୋକ କୁମାର ଦାଶଙ୍କୁ ପୁଷ୍ପଗୁଚ୍ଛ ଦେଇ ତାଙ୍କ ଜିଲା କାର୍ଯ୍ୟାଳୟ କେନ୍ଦୁଝରରେ ଶୁଭେଚ୍ଛା ଜଣାଇଛନ୍ତି । ସଂଘର ସଭାପତି ବିଦ୍ୟୁତ ଲତା ମଲ୍ଲିକ, ସମ୍ପାଦକ କୁନ୍ତଳା ମହାନ୍ତ, ସରସ୍ୱତୀ ସାହୁ, କୋକିଳ ପାତ୍ର ସମେତ ବହୁ କର୍ମୀ ପହଞ୍ଚି ତାଙ୍କ କାର୍ଯ୍ୟାଳୟରେ ଶୁଭେଚ୍ଛା ଜଣାଇଛନ୍ତି । ଏହାକୁ ନେଇ ସଂଘର ଅନ୍ୟ ସଦସ୍ୟମାନେ ସଂଘର କର୍ମକର୍ତ୍ତାମାନଙ୍କର ଏଭଳି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ।

### 'ଜୟ୍ ଅଫ ଗିଭିଙ୍ଗ'କାର୍ଯ୍ୟକ୍ରମ

କେନ୍ଦୁଝର, ୨୨।୯ (ସ୍ୱ.ପ୍ର.) ରୋଟାରୀ କ୍ଲବ କେନ୍ଦୁଝର ପକ୍ଷରୁ ପାଟଣା ବ୍ଲକ ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜୟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମ ସଭାପତି ଇଂ ବସନ୍ତ କୁମାର ଦାନୀଙ୍କ ଅଧକ୍ଷତାରେ ଶନିବାର ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧରେ ସାଧାରଣ ଜ୍ଞାନ, ପ୍ରବନ୍ଧ, ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ରୋଟାରୀ ସଦସ୍ୟ ରାଜଲକ୍ଷ୍ମୀ ସ୍ୱାଇଁ, ଅଶ୍ୱିନୀ ପଟ୍ଟନାୟକ, ପ୍ରଶାନ୍ତ ସ୍ୱାଇଁ, ରୀତା କପୁରଙ୍କ ସମେତ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଚୋରକୁ କାବୁ କରି ପୋଲିସ ଜିମା

ତେଲକୋଇ, ୨୨।୯(ଡି.ଏନ.ଏ.)- ତେଲକୋଇ ଥାନା ଅନ୍ତର୍ଗତ ସିରିଗିଡା ଗ୍ରାମରେ ୨ବାଇକ ଆରୋହୀ ଏକ କାରକୁ ଲୁଟି ନେଉଥିବା ବେଳେ ସିରିଗିଡା ଗ୍ରାମବାସୀ କାରକୁ ଅଟକାଇ ସଂପୃକ୍ତ ଚୋରଙ୍କୁ ଛେଚିବା ସହିତ ପୋଲିସକୁ ହସ୍ତାନ୍ତର କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୦୭/୧୯) ରୁଜୁକରି ସରୋଜ ପାତ୍ର(୩୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକର ପଙ୍ଗାତିରା ଗ୍ରାମରୁ ଡ୍ରାଇଭର କାରକୁ ନେଇ ନିଜ ମାମୁଘର ସିରିଗିଡାସ୍ଥିତ କୁଣ୍ଡେଇହତା ଅଭିମୁଖେ ଗତ ଶନିବାର ୪ଟା ବେଳକୁ ଆସୁଥିଲେ। ତେବେ ସିରିଗିଡା ସୀମାନ୍ତରେ ୨ଜଣ ବାଇକ ଆରୋହୀ ଗାଡିକୁ ଅଟକାଇ ଦୁର୍ବୃତ୍ତ ସରୋଜ ପାତ୍ର ଚାଳକଙ୍କୁ ଧମକାଇ ଗାଡିକୁ ନେଇଯାଉଥିଲେ । ଏହି ଖବର ସିରିଗିଡା ଗ୍ରାମରେ ପହଞ୍ଚିବା ଯୋଗୁ ବଜାର ଅଞ୍ଚଳର ଲୋକେ କାବୁ କରି ଛେଚିବା ସହିତ ପୋଲିସ ଜିମା ଦେଇଥିଲେ। ପୋଲିସ ସମ୍ପୃକ୍ତ ଗାଡ଼ିକୁ ଜବତ କରିଥିବାବେଳେ ଆଉ ଜଣେ ଫେରାରଥିବା ସୂଚନା ନେଇଛନ୍ତି ।

### ଭାଜପା ପକ୍ଷରୁ ସେବାମୂଳକ କାର୍ଯ୍ୟ

ହାଟଡିହୀ,୨୨। ୯(ଡି.ଏନ୍.ଏ.)- ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ ହେଉଛି। ଏହି କ୍ରମରେ ଆନନ୍ଦପୁର ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀଙ୍କ ନେତୃତ୍ୱରେ କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବିଷ୍ଣୁପ୍ରିୟା ବାଳାଶ୍ରମରେ ଅନ୍ନଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମହେଶ୍ୱର ସାହୁ, ଭାଜପା ଜିଲା ସମ୍ପାଦକ ରାମଚନ୍ଦ୍ର ସାହୁ, ୩୪ ନଂ ଜୋନ୍ ଜିଲାପରିଷଦ ସଭ୍ୟା ଟିକି କିସ୍କୁ, ବରିଷ୍ଠ ନେତା ବିଜୟ ରାଉତ, ଯଜ୍ଞ ପ୍ରସାଦ, ମଧୁସୂଦନ ରାଉତ, ବଳଭଦ୍ର ବାରିକ, ଦଶରଥ ଜେନା, କୈଳାସ ସାମଲ, ଫକୀର ବେହେରା ପ୍ରମୁଖ ସାମିଲ ଥିଲେ। ସେହିଭଳି ତଅଁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଭାଜପା ପକ୍ଷରୁ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସୁଶାନ୍ତ ବେହେରା, ମନୋଜ ପଟ୍ଟନାୟକ, ରବିନ୍ଦ୍ର ମଲ୍ଲିକ, ପ୍ରଶାନ୍ତ ସା,ଧନେଶ୍ୱର କାଣ୍ଡି, ରମାକାନ୍ତ ସାହୁ, ପ୍ରଭଞ୍ଜନ ପରିଡାଙ୍କ ସମେତ ବହୁ ଭାଜପା କର୍ମୀ ସାମିଲ ହୋଇଥିଲେ।

# ପାଣିଘେରରେ କେନ୍ଦୁଘାଟି

- ଚାଉଳ ଗଣ୍ଡେ ପାଇଁ ବିପଦପୂର୍ଣ୍ଣ ଡଙ୍ଗାରେ ଯାତାୟାତ
- ପଡୁନି ପ୍ରଶାସନର ଦୃଷ୍ଟି

କେନ୍ଦୁଝର, ୨୨।୯ (ସ୍ୱ.ପ୍ର.)



ଚାଉଳ ପାଇଁ ନଦୀ ପାର ହେବାକୁ ପଡୁଛି।

ସରକାର ସମସ୍ତ ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେଉଛନ୍ତି। ଏପରିକି ବିଜୁ ସେତୁ ଯୋଜନାରେ ନଦୀନାଳରେ ପୋଲ ନିର୍ମାଣ କରି ପଞ୍ଚାୟତ ସହିତ ସବୁ ଗ୍ରାମକୁ ସଂଯୋଗ କରିବା ସହ ସବୁଦିନିଆ ରାସ୍ତା ନିର୍ମାଣ ବିଭିନ୍ନ ଯୋଜନାରେ କରୁଛନ୍ତି। କିନ୍ତୁ ପାଣିଘେରରେ ବାଂଶପାଳ ବ୍ଲକର ଫୁଲଝର ପଞ୍ଚାୟତ ଅଧୀନ କେନ୍ଦୁଘାଟି ଗ୍ରାମକୁ ରାସ୍ତା ନ ଥିବାରୁ ସ୍ଥାନୀୟ ଲୋକେ ଦୁଃଖରେ ଦିନ କାଟୁଛନ୍ତି। ଜିଲାର ଲାଇଫ ଲାଇନ କୁହାଯାଉଥିବା ବୈତରଣୀ ନଦୀ ସେମାନଙ୍କ ପାଇଁ ଡେଥ୍ ଲାଇନ ପାଲଟିଥିଲେ ହେଁ ଏଥିପ୍ରତି ସରକାର କିମ୍ବା ପ୍ରଶାସନର ନଜର ପଡୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଗ୍ରାମର ତିନି ପାର୍ଶ୍ୱରେ ରହିଛି ବୈତରଣୀ ଓ ମଲଦା ନଦୀ। ପାହାଡିଆ ଅଞ୍ଚଳ ହୋଇଥିବାରୁ ବର୍ଷା ହେଲେ ପାଣି ଭର୍ତ୍ତି ହୋଇଯାଏ। ବନ୍ୟା ପାଣି ଯୋଗୁ ନଦୀ କୂଳ ଖାଇ ଯାଉଥିବାରୁ ଲୋକଙ୍କ ଜମିବାଡ଼ି କ୍ଷତିଗ୍ରସ୍ତ ହେଉଛି । କିନ୍ତୁ ଏଥିପାଇଁ କ୍ଷତିପୂରଣ ମଧ ମିଳେ ନାହିଁ ବୋଲି ସେମାନେ ଅଭିଯୋଗ କରନ୍ତି।

ବର୍ଷାଦିନ ଆସିଲେ ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ଅଧିକ ବଢ଼ିଯାଏ । ବିପଦପୂର୍ଣ୍ଣ ଅବସ୍ଥାରେ ଦେଶୀଡଙ୍ଗାରେ ନଦୀ ପାର ହୋଇ ଯିବାଆସିବା କରିଥାନ୍ତି। ବର୍ଷାଦିନେ ପଞ୍ଚାୟତ ଅଫିସ, ହାଟବଜାରକୁ ଯିବା ଆସିବା କଷ୍ଟକର ହୋଇପଡ଼େ । ନଦୀର ସୁଅକୁ ବେଖାତିର କରି ପେଟ ଲାଗି ଚାଉଳ ଗଣ୍ଡେ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଡଙ୍ଗାରେ ଯିବାଆସିବା କରିଥାନ୍ତି। ବହୁ ବର୍ଷ ହେଲା ଏଭଳି ଦୁଃଖ ଭୋଗୁଛନ୍ତି। ଏ ନେଇ ବହୁ ଖବର ପ୍ରକାଶ ପାଉଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଜୀବନକୁ ବାଜି ଲଗାଇ ଏଭଳି ବିପଦପୂର୍ଣ୍ଣ ଯାତାୟାତ କରୁଥିବାରୁ ଏ ନେଇ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଡଙ୍ଗା ଚଳାଇବା ପାଇଁ ସରକାରୀ କଟକଣା ରହିଛି । ତେବେ ଏଥିପାଇଁ ଲାଇସେନ୍ସ କରିବା ସହ ସରକାରୀ ନୀତିନିୟମ ପାଳନ କରିବାକୁ ପଡ଼ିଥାଏ । କିନ୍ତୁ ଏଠାରେ ପ୍ରଶାସନ କୌଣସି ସହାୟତା କରୁ ନ ଥିବାରୁ ସେମାନେ ବାଧ ହୋଇ ଏଭଳି ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଥିବା କହିଛନ୍ତି। ତେବେ କେବେ ଦୁଃଖ ଦୂର ହେବ ସେ ନେଇ ଗ୍ରାମବାସୀ ଅପେକ୍ଷା କରିଛନ୍ତି।

## ବଜ୍ରପାତରେ ୧୧ ଗୋରୁ ମୃତ

ତେଲକୋଇ, ୨୨।୯(ଡି.ଏନ.ଏ.)

ତେଲକୋଇ ଥାନା ଅନ୍ତର୍ଗତ ଓରିଆ ପଞ୍ଚାୟତ ଅଧୀନ ସାପଲାଞ୍ଜି ଗ୍ରାମର ତତଲାପାଣି ପାହାଡ଼ରେ ବଜ୍ରପାତ ଯୋଗୁ ଘଟଣା ସ୍ଥଳରେ ୧୧ଟି ଗୋରୁର ଶୋଚନୀୟ ମୃତ୍ୟୁ ହୋଇଛି। ଅପରାହ୍ନରେ ବଜ୍ରପାତ ସହିତ ସାମାନ୍ୟ ବର୍ଷା ହୋଇଥିଲା । ସାପଲାଞ୍ଜି ଗ୍ରାମର ସନାତନ ଜୁଆଙ୍ଗ, ଜୟରାମ ଜୁଆଙ୍ଗ, ପରମାନନ୍ଦ ଜୁଆଙ୍ଗ,କୈଳାସ ଜୁଆଙ୍ଗ, ମାଧବ ଜୁଆଙ୍ଗ, ଜମାଲ ଜୁଆଙ୍ଗ ଓ ବିଦ୍ୟାଧର ଜୁଆଙ୍ଗଙ୍କ ୧୧ଟି ବଳଦ ଓ ଗାଈ ଚରୁଥିବାବେଳେ ବଜ୍ରପାତର ଶିକାର ହୋଇ ମୃତ୍ୟୁମୁଖରେ ପଡିଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ କିଷାନ ପହଞ୍ଚି ଗୋରୁ ମରିଥିବା ଲୋକଙ୍କୁ ସରକାରୀ ସହାୟତା ଦେବାକୁ ଦାବି କରିଛନ୍ତି । ପ୍ରାଣୀ ଚିକିତ୍ସକ ସମ୍ପୃକ୍ତ ଗୋରୁଙ୍କୁ ଶବ ବ୍ୟବଚ୍ଛେଦ ପରେ ସହାୟତା ଦିଆଯିବା ପାଇଁ ଯୋଜନା ହେଉଥିବା ସୂଚନା ରହିଛି ।

## ସାଇକେଲ୍‌ରେ ବୁହାହେଲେ ରୋଗୀ

### ଆସିଲାନି ଆମ୍ବୁଲାନ୍ସ

ଯୋଡ଼ା ୨୨।୯ (ଡି.ଏନ.ଏ.)



ସାଇକେଲ୍‌ରେ ବୁହା ହେଉଥିବା ରୋଗୀ।

କେନ୍ଦୁଝର ଜିଲାର ଯୋଡା ଯୋଡା ବ୍ଲକ ଲହଣ୍ଡା ଅଞ୍ଚଳର ଜଣେ ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ନଆସିବାରୁ ପରିବାର ଲୋକେ ରବିବାର ଅପରାହ୍ନ ୨ଟା ବେଳେ ସାଇକେଲ୍‌ରେ ବୋହି ଡାକ୍ତରଖାନା ନେଉଥିବା ଦେଖିବାକୁ ମିଳିଛି । ଖବର ନେବାରୁ ଜଣାପଡିଛି ଯେ, ଲହଣ୍ଡା ଅଞ୍ଚଳର ଶୁକୁରା ମୁଣ୍ଡାଙ୍କ ପତ୍ନୀ ଶୁକୁମାରୀ ମୁଣ୍ଡାଙ୍କ ଦେହ ଅତ୍ୟନ୍ତ ଖରାପ ହୋଇଥିବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ମାତ୍ର ୧୦୮ ଆମ୍ବୁଲାନ୍ସ ନଆସିବାରୁ ପରିବାର ଲୋକେ ଶୁକୁମାରୀଙ୍କୁ ସାଇକେଲ ଯୋଗେ ଯୋଡାସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଉପସ୍ଥିତ ଥିବା ଜଣେ ନର୍ସ ରବିବାର ଛୁଟି ଦିନ ଥିବା କହି ଡାକ୍ତରଖାନାରେ ଭର୍ତ୍ତି କରାଯିବ ନାହିଁ ବୋଲି ରୋକଠୋକ ମନା କରିଦେଇଥିବା ଶୁକୁରା ତାଙ୍କ ପ୍ରତିକ୍ରିୟାରେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଅନ୍ୟ କୌଣସି ଉପାୟ ନପାଇ ଗୁରୁତର ଥିବା ତାଙ୍କ ପତ୍ନୀ ଶୁକୁମାରୀଙ୍କୁ ଘରକୁ ନେଇ ଯାଉଥିବା ବେଳେ ଯୋଡାରେ ଜଣେ ସହୃଦୟ ବ୍ୟକ୍ତି ସମୀର ଦାସ ସେଠାରେ ପହଞ୍ଚି ଏହି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଡାକ୍ତରଖାନାର ମୁଖ୍ୟ ଡାକ୍ତର ସୁକାନ୍ତ ଚନ୍ଦ୍ର ଦାସଙ୍କ ବାସଭବନକୁ ଯାଇ ରୋଗୀଙ୍କୁ ଆଡମିସନ୍ କରାଯିବା ନେଇ କଥାବାର୍ତ୍ତା କରିଥିଲେ । ତେବେ ପରେ ଡାକ୍ତରଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ଛୁଟିଦିନ କହି ଭର୍ତ୍ତି କରିବାକୁ ମନା କରିଦେଇଥିବା ନର୍ସମାନେ ପୂର୍ବାହ୍ନରେ ଆସିଥିବା ଜଣେ ଶିଶୁ ରୋଗୀଙ୍କଠାରୁ ୫ଶହ ଟଙ୍କା ଉତ୍କୋଚ ନେଇ ଡାକ୍ତରଖାନାରେ ଆଡମିଶନ କରାଯାଇଥିବା ଡାକ୍ତରଖାନାରେ ରୋଗୀଙ୍କୁଜଗିରହୁଥିବା ଲୋକେକହିଛନ୍ତି।

## ଥାନାରେ ନାହାନ୍ତି ଆବଶ୍ୟକ କର୍ମଚାରୀ

ତେଲକୋଇ, ୨୨।୯(ଡି.ଏନ.ଏ.)

ଆଦିବାସୀ ବହୁଳ ଏହି ଉପାନ୍ତ ଅଞ୍ଚଳରେ ସାଧାରଣ ଲୋକଙ୍କ ସମସ୍ୟା ଓ ସମାଧାନ ଦିଗରେ ବିଳମ୍ବ ହେଉଛି। ତେଲକୋଇ ମୁଖ୍ୟାଳୟଠାରେ ଜଣେ ଆଇଆଇସି ରହୁଥିବା ବେଳେ ଜଣେ ସେକେଣ୍ଡ ଅଫିସର ସହିତ ଓଆଇସି ୩ଜଣ ରହୁଛନ୍ତି। ତେବେ କନଷ୍ଟେବଳ ଓ ହାବିଲଦାରଙ୍କ ଅଭାବ ଯୋଗୁ ବିଭିନ୍ନ ସମୟରେ ଅଭିଯୋଗ କରିବାକୁ ଆସୁଥିବା ସାଧାରଣ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ଏହି ଉପାନ୍ତ ଅଞ୍ଚଳରେ ରାସ୍ତା ଘାଟର ଅଭାବ ଥିବାବେଳେ ୨୨ଟି ପଞ୍ଚାୟତରେ ୧୯୭ ଗ୍ରାମ ରହିଛି। ହେଲେ କନେଷ୍ଟବଳଙ୍କ ଅଭାବ ଯୋଗୁଁ ଅଭିଯୁକ୍ତଙ୍କୁ କୋର୍ଟ ନେବା ଓ ବିଭିନ୍ନ ପଞ୍ଚାୟତକୁ ଯାଇ ଅଭିଯୁକ୍ତଙ୍କୁ ଆଣିବା କଷ୍ଟକର ହୋଇପଡିଛି । ଏହି ମୁଖ୍ୟ ପୋଲିସ ଷ୍ଟେଶନରେ ମାତ୍ର ୪ଜଣ କନଷ୍ଟବଳ ରହିଛନ୍ତି । ଏଥି ମଧ୍ୟରୁ ଜଣେ ଛୁଟିରେ ଥିବା ଯୋଗୁ ମାତ୍ର ୩ଜଣ ଉକ୍ତ ଥାନା ଅଧୀନରେ କାର୍ଯ୍ୟ କରିବା ଅସମ୍ଭବ ହୋଇପଡିଛି । ଏସମ୍ପର୍କରେ ଜିଲା ଏସଡିପିଓ ପି.ଜେମସ ଟପ୍ପୋଙ୍କୁ ପଚାରିବାରୁ ଜିଲାର ବିଭିନ୍ନ ସ୍ଥାନରେ କନେଷ୍ଟବଳଙ୍କ ଅଭାବ ପାଇଁ ସମସ୍ୟା ଦେଖାଦେଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ସମସ୍ତ ଥାନା ଅଧିକାରୀଙ୍କ ସହାୟତା କରୁଥିବାବେଳେ ଏହି ବ୍ଲକ ପାଇଁ ଉପହାସ ପାଲଟିଛି । ସ୍ଥାନୀୟ ଆଇଆଇସି ପଦ୍ମାସିନୀ ମେହେରଙ୍କୁ ପଚାରିବାରୁ ଆବଶ୍ୟକ କନଷ୍ଟେବଳ ଯୋଗୁଁ ଆମ ପୋଲିସ ବିଭାଗକୁ ବହୁ ହଇରାଣ ହେବାକୁ ପଡୁଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ବିଦ୍ୟାଳୟରେ ପଢ଼ା ସାମଗ୍ରୀ ବଣ୍ଟନ

ବଉଳା, ୨୨।୯(ଡି.ଏନ.ଏ.)

ହାଟଡିହୀ ବ୍ଲକର ବାଙ୍ଗୁର ଓଏମସି ପକ୍ଷରୁ ଟିଲଗଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବହି, ଖାତା, କଲମ ଇତ୍ୟାଦି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସିନିୟର ମ୍ୟାନେଜର ପର୍ସନାଲ ସରୋଜ କୁମାର ନାୟକ, ମ୍ୟାନେଜର ସୁନୀଲ କୁମାର ଦାସ, ଡେପୁଟି ମ୍ୟାନେଜର ଷ୍ଟୋର କାଶୀନାଥ ପଣ୍ଡା, ଡେପୁଟି ମ୍ୟାନେଜର ପିଙ୍କି ହେମ୍ବ୍ରମ, ଇଞ୍ଜିନିୟର ସୁକାନ୍ତ କୁମାର ବିଶ୍ୱାଳ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦାବନ ଡାକୁଆ ଓ ଶିକ୍ଷୟିତ୍ରୀ ସସ୍ମିତା ପାତ୍ରଙ୍କ ଉପସ୍ଥିତିରେ ୮୨ ଜଣ ଛାତ୍ରୀଛାତ୍ରଙ୍କୁ ଏହି ପଢ଼ା ସାମଗ୍ରୀ ବଣ୍ଟନ କରାଯାଇ ନ ଥିଲା। ଗରିବ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ବିକାଶ ନିମନ୍ତେ ଓଏମସି ପକ୍ଷରୁ ପ୍ରୟାସ କରାଯାଉଥିବା ସିନିୟର ମ୍ୟାନେଜର ତାଙ୍କ ବକ୍ତବ୍ୟରେ କହିଛନ୍ତି।

### ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ

ପାଟଣା,୨୨।୯(ସ୍ୱ.ପ୍ର.)

ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାର ଏନସିସି ଛାତ୍ରୀଛାତ୍ରଙ୍କ ପକ୍ଷରୁ ରବିବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସଫେଇ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏନସିସି ଅଫିସର ଧର୍ମେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୬ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପାଟଣା ମହାବିଦ୍ୟାଳୟର ଅଧକ୍ଷ ଶଙ୍କର୍ଷଣ ସାହୁ, ସମ୍ମାନିତ ଅତିଥି ଭାବେ ମହିଳା ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମଧୁସୂଦନ ମହାନ୍ତ ଓ ସଞ୍ଜୟ କାରୁଆ ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଚଢ଼ାଉ

ଯୋଡ଼ା ୨୨।୯(ଡି.ଏନ.ଏ.)



ଗଜଲକ୍ଷ୍ମୀ ମହାସଂଘ ପକ୍ଷରୁ ଚୋରା ମଦ ବନ୍ଦ ପାଇଁ ଚଢ଼ାଉ।

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜଳହରି ପଞ୍ଚାୟତର ବିଭିନ୍ନ ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଜଲକ୍ଷ୍ମୀ ମହାସଂଘ ପକ୍ଷରୁ ଚଢ଼ାଉ କରାଯାଇ ବ୍ୟାପକ ଦେଶୀ ମଦ, ଗୋଟିଏ ବାଇକ୍ ଜବତ କରିବା ସହିତ ଏଥିରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଘଟଣାସ୍ଥଳରୁ ଜଣାପଡିଛି ଯେ, ଜଳହରି ପଞ୍ଚାୟତରେ ଥିବା ପ୍ରାୟ ୫୦ଟିରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଗଜଲକ୍ଷ୍ମୀ ମହାସଂଘ ଗଠିତ ହୋଇଛି । ଏହି ମହାସଂଘର ସଦସ୍ୟାମାନେ ଅଞ୍ଚଳରେ ହେଉଥିବା ଚୋରା ମଦକାରବାର, ଗଞ୍ଜେଇ, ଭାଙ୍ଗ ବିକ୍ରି ଓ ବିଭିନ୍ନ ଔଷଧ ଦୋକାନରେ ନିଶା ଔଷଧକୁ ବିକ୍ରି ବନ୍ଦ କରିବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ଏନେଇ ସଂଘ ପକ୍ଷରୁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ ଅବଗତ କରାଇ ଅଞ୍ଚଳରେ ୨ଥର ନିଶାମୁକ୍ତ ଅଭିଯାନ କରିବା ସହିତ ସଚେତନତା ରାଲି କରିଥିଲେ। ଚୋରା ମଦ ବ୍ୟବସାୟୀଙ୍କୁ ଚେତାବନୀ ଦେଇଥିଲେ। ମାତ୍ର ଏହି ଚେତାବନୀକୁ ଖାତିର ନକରି ଚୋରା ମଦ କାରବାର ଜାରି ରଖିଥିବାରୁ ଶନିବାର ରାତିରେ ସଂଘ ପକ୍ଷରୁ କପୁର ହଟିଂଠାରେ ଚଢାଉ କରାଯାଇ ବାଙ୍କା ପାତ୍ର ନାମକ ବ୍ୟକ୍ତିଙ୍କ ଘରୁ ପ୍ରାୟ ୩୦ ଲିଟର ମହୁଲି ମଦ ଠାବ କରି ବାମେବାରୀ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବାମେବାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଚୋରା ମଦ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୁଣି ମହାସଂଘ ପକ୍ଷରୁ ରବିବାର ସକାଳେ ସଂଘର ଶତାଧିକ ମହିଳା କେଏମସି ହଟିଂଠାରେ ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରି ୫୦ଲିଟରରୁ ଉର୍ଦ୍ଧ୍ୱ ଦେଶୀ ମହୁଲି ମଦ ଥିବା ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ବାମେବାରୀ ଥାନା ଏସଆଇ ତ୍ରିନାଥ ନାଏକ, ଶ୍ରୀନିବାସ ସେଠୀ ଓ ମହିଳା ପୋଲିସ ସନ୍ଧ୍ୟାରାଣୀ ଗିରି ପହଞ୍ଚି ପ୍ରାୟ ୭୦ ଲିଟର ମହୁଲି ମଦ ଜବତ କରିବା ସହିତ ଏହି କାରବାରରେ ନିୟୋଜିତ ହୋଇଥିବା ଗୋଟିଏ ଲୁନାକୁ ଜବତ କରିଥିଲେ। ତେବେ ଏଥିରେ ସଂପୃକ୍ତ ବ୍ୟକ୍ତି ପୋଲିସ ଆସିବା ପୂର୍ବରୁ କୌଶଳକ୍ରମେ ଖସିଯାଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ କି ମହାସଂଘ ପକ୍ଷରୁ ଚମ୍ପୁଆ ଉପଜିଲାପାଳ , ବଡବିଲ ଏସଡିପିଓ ଓ ସ୍ଥାନୀୟ ବାମେବାରୀ ପୋଲିସକୁ ଏହି ମଦ ବିରୋଧୀ ଅଭିଯାନ ସମ୍ପର୍କରେ ଲିଖିତ ଭାବେ ଜଣାଇଥିବା ସଂଘର ସଭାପତି ନାଗିନ୍ ମଞ୍ଜରୀ ମୁଣ୍ଡା ସୂଚନା ଦେଇଛନ୍ତି।

## ରାସ୍ତାରେ ଜମୁଛି ଡ୍ରେନ୍ ପାଣି



ଶାଳବଣି ଗ୍ରାମର ମୁଖ୍ୟ ରାସ୍ତାରେ ଡ୍ରେନ୍ ପାଣି।

ଆନନ୍ଦପୁର, ୨୨।୯(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ଶାଳବଣି ଗ୍ରାମର ମୁଖ୍ୟ ରାସ୍ତା କଡ଼ରେ ଡ୍ରେନ୍ ପାଣି ଜମାଟ ବାନ୍ଧିବା ସହିତ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଡ୍ରେନ୍‌ଗୁଡିକ ସଫା ହେଉନଥିବାରୁ ପାଣି ସବୁ ଜମାଟ ବାନ୍ଧି ରାସ୍ତା ଉପରେ ଯାତାୟାତ କରୁଛି। ଏପରିକି ଗ୍ରାମରେ ସ୍ୱଚ୍ଛ ଭାରତ ଯୋଜନାରେ କୌଣସି ଡଷ୍ଟବିନ୍ ଦିଆଯାଇ ନ ଥିବାରୁ ଲୋକମାନେ ବିଭିନ୍ନ ବର୍ଜ୍ୟବସ୍ତୁ ସବୁକୁ ଡ୍ରେନରେ ପକାଉଛନ୍ତି। ଫଳରେ ଡ୍ରେନର ପାଣି ଠିକ ଭାବେ ନିଷ୍କାସନ ହୋଇପାରୁନି। ଅନ୍ୟପକ୍ଷରେ ଏହି ପାଣି ସବୁ ଜମାଟ ବାନ୍ଧି ମଶା ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି କରୁଛି। ଏହାର ପ୍ରଭାବରେ ଲୋକମାନେ ନାନା ରୋଗର ଶିକାର ହେଉଛନ୍ତି। ଯାହାର ପ୍ରତିବାଦରେ ଗ୍ରାମବାସୀଙ୍କ ପକ୍ଷରୁ ଆନନ୍ଦପୁର ବ୍ଲକ ବିଡିଓ, ଜିଲାପାଳ, ଉପଜିଲାପାଳ ଏବଂ ସଂପୃକ୍ତ ପଞ୍ଚାୟତର ସରପଞ୍ଚଙ୍କୁ ସମସ୍ୟାର ସମାଧାନ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

■ ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

## କସିରା ଟିମ୍ ଚାମ୍ପିୟନ

କେନ୍ଦୁଝର, ୨୨।୯ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ହାଣ୍ଡିଭଙ୍ଗା ପଞ୍ଚାୟତ ଆମୁଣି ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଅଷ୍ଟମ ବାର୍ଷିକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଅନୁଷ୍ଠିତ ଏହି ପଞ୍ଚାୟତସ୍ତରୀୟ ଟୁର୍ନାମେଣ୍ଟରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଏମଟିଏପସି କସିରା ଏବଂ ଏକଥା ରହିନ ଧାତିକା ମଧ୍ୟରେ ଖେଳାଯାଇଥିବା ମେଗା ଫାଇନାଲ ମ୍ୟାଚରେ କସିରା ଦଳ ୧-୦ଗୋଲ ରେ ଧାତିକାକୁ ହରାଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦୁଝର ଏମ୍‌ପି ମାଧବ ସର୍ଦ୍ଦାର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲା ଟ୍ରକ ଆସୋସିଏଶନ ଯୁଗ୍ମ ସମ୍ପାଦକ ଦେବାଶିଷ ପଟ୍ଟନାୟକ, ହାଣ୍ଡିଭଙ୍ଗା ସରପଞ୍ଚ ବୀଣାପାଣି ସୋରେନ, ଖବରଦାତା ବୁନୁ ମିଶ୍ର, ବରିଷ୍ଠ ସାମାଜିକ କର୍ମୀ ଚକ୍ରଧର ପରିଡା, ଚକ୍ରଧର ମହାନ୍ତ ଏବଂ ଶୁକଦେବ ରଥ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମ ପୁରସ୍କାର ଭାବେ ଚାମ୍ପିୟନ କସିରା ଦଳକୁ ୧୨୦୦୦ ଟଙ୍କା ଏବଂ ଟ୍ରଫି, ରନର୍ସଅପ ଧାତିକା ଦଳକୁ ୯୦୦୦ ଟଙ୍କା ଏବଂ ଟ୍ରଫି ନିମନ୍ତ୍ରିତ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେହିପରି ତୃତୀୟ ସ୍ଥାନରେ ରହିଥିବା ଯୋଡ଼ା ଦଳକୁ ୬୦୦୦ ଟଙ୍କା ଏବଂ ଚତୁର୍ଥ ସ୍ଥାନ ହାସଲ କରିଥିବା ସାରିଆପଶି ଦଳକୁ ୫୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଟୁର୍ନାମେଣ୍ଟ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ରେଫରୀ ଭାବେ ପ୍ରଶ୍ନ ନାଏକ, ଝୁଲୁ ପଟ୍ଟନାୟକ, ସୁଦର୍ଶନ ବାରିକ, ବିଦ୍ୟା ମହାନ୍ତ ଖେଳ ପରିଚାଳନା କରିଥିବାବେଳେ ରମେଶ ମହାନ୍ତ, ରବି ମହାରଣା, ଧରମା ଭାଇ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଦେବାଶିଷଙ୍କୁ ଘାରିଛି ପରିବେଶ ଚିନ୍ତା

- ଶିକ୍ଷା ସହିତ ବୃକ୍ଷରୋପଣ ଉଦ୍ୟମ
- ଶହେରୁ ଉର୍ଦ୍ଧ୍ୱ ଗଛ ଲଗାଇ ନେଉଛନ୍ତି ଯତ୍ନ
- ପ୍ରୋତ୍ସାହନ ଲାଗି ଯୁବପିଢ଼ିଙ୍କୁ ଆହ୍ୱାନ

ଆନନ୍ଦପୁର, ୨୨।୯ (ସ୍ୱ.ପ୍ର.)



ଶିକ୍ଷକ ଦେବାଶୀଷ ଛାତ୍ରୀଛାତ୍ରଙ୍କ ଗହଣରେ ଗଛ ଲଗାଉଛନ୍ତି।

ଛାତ୍ର ଜୀବନରେ ଜଣେ ଦକ୍ଷ ସଂଗଠକ ଭାବେ ବେଶ ପରିଚିତ୍ ଲାଭ କରିଛନ୍ତି ଶିକ୍ଷାବିତ୍ ଦେବାଶିଷ। ଏବେ ଦେବାଶିଷଙ୍କୁ ଘାରିଛି ପରିବେଶ ଚିନ୍ତା। ସମ୍ପ୍ରତି ସମାଜରେ ପରିବେଶ ପ୍ରଦୂଷଣର ହାର ବୃଦ୍ଧି ପାଇବାକୁ ବସିଥିବାବେଳେ ବିଶ୍ୱ ତାପାୟନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ସନ୍ତୁଳିତ କରିବାକୁ ହେଲେ ପ୍ଲାଷ୍ଟିକ୍ ମୁକ୍ତ ସମାଜ ଏବଂ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି। ଏଥିପାଇଁ ସରକାରୀ ସ୍ତରରେ ମଧ ତତ୍ପରତା ପ୍ରକାଶ ପାଇଛି। ହେଲେ ସରକାରୀ ତତ୍ପରତା କାଗଜ କଲମରେ ଠିକ୍ ରହିଥିବାବେଳେ ପ୍ରକୃତ ପକ୍ଷେ ଏହାର ସଫଳ ରୂପାୟନ ହୋଇପାରୁନି। ଫଳରେ ବହୁ ସମୟରେ ବିଭିନ୍ନ ସ୍ଥାନରେ ବହୁ ସ୍ୱେଚ୍ଛାସେବୀ ସଂଗଠନ, ବ୍ୟକ୍ତି ବିଶେଷ ବୃକ୍ଷରୋପଣକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ସେହିଭଳି ଏକ ନିଆରା ମଣିଷ ହେଉଛନ୍ତି ଶିକ୍ଷାବିତ୍ ଦେବାଶିଷ ପଣ୍ଡା।

ଘସିପୁରା ବ୍ଲକ ଅନ୍ତର୍ଗତ ଭଣ୍ଡାରିଡିହା ଗ୍ରାମର ଦେବାଶିଷ ଏବେ ହରିଚନ୍ଦ୍ରପୁର ବ୍ଲକ ଶଗଡପଟା ଶିକ୍ଷା ସର୍କଲ ଦାନ୍ତୁଆଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ବୃକ୍ଷରୋପଣ ମାଧ୍ୟମରେ କିପରି ପରିବେଶକୁ ସନ୍ତୁଳିତ ରଖାଯାଇପାରିବ ସେଥିପାଇଁ ସେ ଉଦ୍ୟମ ଆରମ୍ଭ କରିଛନ୍ତି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବୃକ୍ଷରୋପଣ ପାଇଁ ପ୍ରୋତ୍ସାହିତ କରିବା ସହିତ ନିଜେ ବୃକ୍ଷରୋପଣ ପାଇଁ ଅଣ୍ଟା ଭିଡିଛନ୍ତି। ଏତଦ୍‌ବ୍ୟତୀତ ବିଭିନ୍ନ ଗ୍ରାମକୁ ଯାଇ ଯୁବପିଢିଙ୍କୁ ମଧ ବୃକ୍ଷରୋପଣ କରିବା ପାଇଁ ଆହ୍ୱାନ ଦେଉଛନ୍ତି। ବୃକ୍ଷରୋପଣ ସହିତ ତାହାର ସୁରକ୍ଷା ପାଇଁ ମଧ ସେ ଉଦ୍ୟମ ଜାରି ରଖିଛନ୍ତି। ସେ ଅଦ୍ୟାବଧି ଶହେରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରି ସେଗୁଡିକର ଯତ୍ନ ନେଉଛନ୍ତି। ତାଙ୍କର ଏଭଳି ଉଦ୍ୟମ ପାଇଁ ସମସ୍ତଙ୍କ ଠାରେ ସେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଆଗାମୀ ଦିନରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି ଦେବାଶିଷ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ବିଦ୍ୟୁତ ସଂସ୍ପର୍ଶରେ ଚାଷୀଙ୍କ ମୃତ୍ୟୁ

**ବାହାନଗା,୨୨।୯(ଡି.ଏନ.ଏ.):** ଖନ୍ତାପଡା ଥାନା ରେମୁଣା ବ୍ଲକ ମହାରାଜପୁର ଗ୍ରାମର ବିଦ୍ୟୁତ ସଂସ୍ପର୍ଶରେ ଆସି ଶ୍ରୀକାନ୍ତ ଆଚାର୍ଯ୍ୟ(୨୬) ନାମକ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ବିଲରେ ପାଣି ମଡାଇବା ନିମନ୍ତେ ଘର ଭିତରେ ବିଦ୍ୟୁତ ସଂଯୋଗ କରୁଥିବା ବେଳେ ଆଘାତ ପାଇଥିଲେ। ଫଳରେ ସେ ଗୁରୁତର ହୋଇପଡିଥିଲେ। ଘର ଲୋକ ସଂଙ୍ଗେସଂଙ୍ଗେ ତାଙ୍କୁ ପ୍ରଥମେ ଖନ୍ତାପଡା ଡକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ଏଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ନେଇ ଗ୍ରାମର ଶୋକର ଛାୟା ଖେଳିଯାଇଛି।

## ବୃକ୍ଷରୋପଣ କାର୍ଯ୍ୟକ୍ରମ



**ରେମୁଣା,୨୨।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ରେମୁଣା ବ୍ଲକ ଚଷାଖଣ୍ଡ ପଞ୍ଚାୟତରେ ଥିବା ମେଦିନପୁର ଗ୍ରାମସ୍ଥିତ ଚକୁଡ଼ି ବଣରେ ସ୍ୱେଚ୍ଛାସେବୀ ଭବାନୀ ଶଙ୍କର ବେହେରାଙ୍କ ଦ୍ୱାରା ବିଶାଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାକୁ 'ଓସ୍‌ଡମା'ର ବାଲେଶ୍ୱର ଜିଲାର ଜିଲା ପ୍ରୋଜେକ୍ଟ ଅଧିକାରୀ ଅବନୀ କୁମାର ଭୂୟାଁ ଉଦ୍‌ଘାଟନ କରିଥିଲେ। ନାଏବ ସରପଞ୍ଚ ଲକ୍ଷ୍ମୀଧର ବିଶ୍ୱାଳ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମକୁ ମେଦିନୀପୁର ଗ୍ରାମବାସୀ, ଡ୍ରିମ ଅଫ ସୋସାଇଟି ଡେଭେଲପ୍‌ମେଣ୍ଟ ଓ ଜୟୀ ରାଜଗୁରୁ ଯୁବକ ସଂଘର ସଦସ୍ୟମାନେ ପରିଚାଳନା କରିଥିଲେ। ଏଥିରେ ଆକାଶୀ, ଶାଗୁଆନ, ମେହଗାନି, ଶିଶୁ, ଗମ୍ଭାରୀ, ବାହାଡ଼, ଅଁଳା, ଆମ୍ବ, ବେଲ, ଜାମୁରୁଳି, ବୁବୁରି ଓ ତେଜପତ୍ର ଆଦି ପାଖାପାଖି ୨ଶହ ଚାରା ରୋପଣ କରାଯାଇଥିଲା। ମାନସ ରଞ୍ଜନ ଦ୍ୱାରୀ, ଗଙ୍ଗାଧର ମହାନ୍ତି, ପୃଥ୍ୱିରାଜ ଦ୍ୱାରୀ, ଅରୁଣ କୁମାର ଦାସ, ହରିହର ଦାସ, ଅଭୟ ମହାନ୍ତି, କାହ୍ନୁଚରଣ ସେଠୀ, ବିଶ୍ୱଜିତ୍ ବେହେରା, ପ୍ରଫୁଲ୍ଲ କୁମାର ଦାସ, ପ୍ରଦୀପ ଗିରି, ସରୋଜ କୁମାର ମହାନ୍ତି, ପଙ୍କଜ ମହାନ୍ତି, ଚିନ୍ମୟ ଦାସ, ସିପୁନ୍ ସାହାଣୀ, ଅମିତ୍ କୁମାର ଦ୍ୱାରୀ, ନରେନ୍ଦ୍ର ସାହାଣୀ, ରବୀନ୍ଦ୍ର ସେଠୀ, ଅଶୋକ କୁମାର ଦାସ, ରବୀନ୍ଦ୍ର କୁମାର ଦାସ ଓ ପୃଥ୍ୱିରାଜ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଗୋ ଚିକିତ୍ସା ଶିବିର

**ବାହାନଗା, ୨୨।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପ୍ରାଣୀ ଚିକିତ୍ସା କେନ୍ଦ୍ର ତରଫରୁ ସାଉଡୁ ପଞ୍ଚାୟତ ଥାଲସଡା ଗ୍ରାମରେ ଗୋ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଥାଲସଡା ଗ୍ରାମର ଜଗନ୍ନାଥ ସେବା ସଂସ୍ଥା ସହଯୋଗରେ ଗୋପାଳପୁର ପ୍ରାଣୀ ସମ୍ପଦ ବିଭାଗର ମିଳିତ ସହଯୋଗରେ ଗ୍ରାମର ୫ଶହରୁ ଉର୍ଦ୍ଧ୍ୱ ଗୋରୁଙ୍କ ସ୍ୱାସ୍ଥ୍ୟ ପାରୀକ୍ଷା କରାଯାଇଥିଲା। ପରେ ଗୋରୁମାନଙ୍କୁ ଔଷଧ ପ୍ରଦାନ କରାଯାଇଛି। ଜଗନ୍ନାଥ ସେବା ସଂସ୍ଥା ସମ୍ପାଦକ ବିଜୟ୍ କୁମାର ମହାପାତ୍ର, ଜୟନ୍ତ କୌଶଳ, ଶଙ୍କର୍ଷଣ ସଙ୍କ ସମେତ ବାହାନାଗା ବିଭିଓ ଦେବବ୍ରତ ଦାଶ, ଖନ୍ତାପଡା ଭିଏଏସ ଗୌତମ କାମିଲା, ରତିକାନ୍ତ ରାଉତ, କାର୍ତ୍ତିକ ସେଠୀ, ରବୀନ୍ଦ୍ର ବାରିକ, କାର୍ତ୍ତିକ ଚନ୍ଦ୍ର ସିଂ, ରମେଶ ତ୍ରିପାଠୀ, ପ୍ରେମାନନ୍ଦ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

ତହସିଲଦାରଙ୍କୁ ଦୁର୍ବ୍ୟବହାର, ଗାଡ଼ିଭଙ୍ଗା ଘଟଣା

# ନ୍ୟାୟ ପାଇଁ ଗୁହାରି କଲେ ମହିଳା

**ସଜନାଗଡ଼, ୨୨।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ମିତ୍ରପୁର କାଠପାଳ ଛକଠାରେ ଗତ ୧୪ତାରିଖ ରାତି ପ୍ରାୟ ୧୧ଟାରେ ୩ଟି

**ଗିରଫ ଭୟରେ ୩ ଗ୍ରାମ ପୁରୁଷଶୂନ୍ୟ**

ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ନୀଳଗିରି ତହସିଲଦାର ସୁଶ୍ରୀତା ଟୁଡୁ ଅଟକାଇଥିଲେ। ଏହାକୁ ନେଇ ଉକ୍ତ ସ୍ଥାନରେ ଗଣ୍ଡଗୋଳ ଉପୁଜିଥିଲା। ୫୦ରୁ ୬୦ ଲୋକ ଏକଜୁଟ୍ ହୋଇ ଏହାକୁ ବିରୋଧ କରିଥିଲେ। ପରେ ତହସିଲଦାର ଭଡ଼ାରେ ନେଇଥିବା ଗାଡ଼ିକୁ ଭଙ୍ଗାରୁଜା କରିବା ସହିତ ଗାଡ଼ିରେ ଥିବା ଆର୍‌ଆଇଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ମାରପିଟ୍ କରିଥିବା ତହସିଲଦାର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା (ନଂ.୨୨୦/୧୯) ରୁଜୁ କରି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଭୟରେ କାଠପାଳ, ଖସାପଡ଼ିଆ ଓ କରଞ୍ଜିଆ ଗ୍ରାମର କେତେକ ଲୋକ ଗ୍ରାମ ଛାଡ଼ି ବାହାରକୁ ପଳାଇଛନ୍ତି। ଫଳରେ ଗାଁଗୁଡ଼ିକ ପୁରୁଷଶୂନ୍ୟ ହୋଇପଡ଼ିଛି। ତହସିଲଦାରଙ୍କ ଘଟଣାରେ ଯେଉଁମାନେ ପ୍ରକୃତ ଦୋଷୀ ସେମାନଙ୍କୁ ଗିରଫ କରାଯାଇ ନିର୍ଦ୍ଦୋଷୀଙ୍କୁ ଛାଡି ଦେବା ଲାଗି ଆଞ୍ଚଳିକ ମହିଳା ସୁରକ୍ଷା ମଞ୍ଚର ସଦସ୍ୟାମାନେ ରବିବାର ଏକ ଖବରଦାତା ସମ୍ମିଳନୀରେ ପ୍ରଶାସନଠାରେ ନିବେଦନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଆଞ୍ଚଳିକ ସୁରକ୍ଷା ମଞ୍ଚର ସଦସ୍ୟା।

ମହିଳାମାନେ ଦର୍ଶାଇଛନ୍ତି ଯେ, ଗାଁଗୁଡିକ ପୁରୁଷଶୂନ୍ୟ ହୋଇପଡିଥିବାରୁ ରାତିରେ ଚୋରି ହେଉଛି। କାଠପାଳ ଘାଟରୁ ବାଲି ୩ ଖଣ୍ଡ ଗ୍ରାମର ଲୋକ ଘରୋଇ ବ୍ୟବହାର ପାଇଁ ନେଇଥାନ୍ତି। ଗତ ସେପ୍ଟେମ୍ବର ୧୪ତାରିଖ ରାତିରେ ସୋନନଦୀ କୂଳରେ ବିଳମ୍ବିତ ରାତିରେ ଜୋର ପାଟିତୁଣ୍ଡ ଶୁଭିଥିଲା। ପାଟିତୁଣ୍ଡ ଶୁଣି ଗାଁଲୋକ ରୁଣ୍ଡ ହୋଇଥିଲେ। ବାହାରୁ ଆସିଥିବା କେତେକ ଟ୍ରାକ୍ଟର ପଳାଇ ଯାଇଥିଲା। ୨ଟି ଟ୍ରାକ୍ଟର ଛିଡ଼ା ହୋଇଥିଲା। କେତେକ ବ୍ୟକ୍ତିଙ୍କ ସହ ତହସିଲଦାରଙ୍କ ଯୁକ୍ତିତର୍କ ଚାଲିଥିଲା। ଏହି ସମୟରେ ଅନ୍ୟ ଟ୍ରାକ୍ଟରଗୁଡ଼ିକ ପଳାଇଯାଇଥିଲେ। ଏହି ୩ଖଣ୍ଡ ମୌଜାର ଲୋକଙ୍କୁ ବାଲିମାଫିଆ ଆଖ୍ୟା ଦିଆଯାଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଗଣ୍ଡଗୋଳରେ ଗ୍ରାମବାସୀଙ୍କ କୌଣସି ସମ୍ପୃକ୍ତି ନାହିଁ ବୋଲି ସେମାନେ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ସଭାପତି ଶୁଭଲକ୍ଷ୍ମୀ ମହାଳିକ, ନିର୍ମଳ ଦଣ୍ଡପାଟଙ୍କ ସମେତ ଶକୁନ୍ତଳା ଦଣ୍ଡପାଟ, କୁନି ଦଣ୍ଡପାଟ, ବାସନ୍ତୀ ଦଣ୍ଡପାଟ, ସସ୍ମିତା ନାୟକ, ଅମ୍ବିକା ଦାଶ, ନିନି ଦଳେଇ, ମାଳତୀ ଦଣ୍ଡପାଟ ଓ ଉଷା ନାୟକଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

# 'ମୋ ସ୍ୱାମୀଙ୍କୁ ଜେଲ୍‌ରୁ ଛାଡ଼, ସେ ନିର୍ଦ୍ଦୋଷ'

**ସିମୁଳିଆ, ୨୨।୯(ଡି.ଏନ.ଏ.)**

ଦୋଷ କରିଛି ଜଣେ, ଦଣ୍ଡ ପାଉଛି ଆଉ ଜଣେ। ଏମିତି ଏକ ଅଭିଯୋଗ କରିଛନ୍ତି ୩ ମାସ ହେଲା ଜେଲରେ ଥିବା ସତ୍ୟରଞ୍ଜନ ପଣ୍ଡୁଆ(୨୨)ଙ୍କ ସ୍ତ୍ରୀ ଓ ବାପା। ସତ୍ୟରଞ୍ଜନଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ଥାନା ଜାମୁଝାଡ଼ି ପଞ୍ଚାୟତ ଅଧୀନ ମାଟିଆପଡ଼ା ଗ୍ରାମରେ। ଗତ ଜୁନ୍ ୧୮ ତାରିଖରେ ପୋଲିସ ଓ ଅବକାରୀ କର୍ମଚାରୀ ତାଙ୍କର ଏକ ଭଡ଼ାଘର ଉପରେ ଚଢ଼ାଉ କରି ୨୮ଟି ପ୍ଲାଷ୍ଟିକ ଡ୍ରମ ସହିତ ୧୪ଶହ ଲିଟର ସ୍ପିରିଟ୍ ଜବତ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ପୋଲିସ ଘର ମାଲିକଙ୍କ ପୁଅ ସତ୍ୟରଞ୍ଜନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘରଭଡା ନେଇ ସ୍ପିରିଟ୍ ରଖିଥିବା ଅଭିଯୁକ୍ତଙ୍କୁ ପୋଲିସ ଏଯାଏ ଧରିନାହିଁ। ଏଣୁ ବିନା ଦୋଷରେ ସତ୍ୟରଞ୍ଜନ ୩ ମାସ ହେଲା ଜେଲ୍ ଭୋଗୁଥିବାରୁ ତାଙ୍କୁ ମୁକୁଳାଇବା ପାଇଁ ସ୍ତ୍ରୀ ରାନୀ ଓ ବାପା ପୀତବାସ ପଣ୍ଡୁଆ ସିମୁଳିଆ ଥାନା ଅଧିକାରୀଙ୍କ ସମେତ ଅବକାରୀ ବିଭାଗ ଅଧିକାରୀ ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ନିବେଦନ କରିଛନ୍ତି। ସେମାନେ ମଧ ଏନେଇ ଲିଖିତ ଭାବେ ମୁଖ୍ୟମନ୍ତ୍ରୀ, ଅବକାରୀ କମିଶନର, ମାନବ ଅଧିକାର, ଅବକାରୀ ମନ୍ତ୍ରୀ, ଅବକାରୀ ଅଧୀକ୍ଷକ, ସିମୁଳିଆ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ରାନୀ କହିଛନ୍ତି, ତାଙ୍କ ସ୍ୱାମୀ ସତ୍ୟରଞ୍ଜନ ଓ ଶ୍ୱଶୁର ପୀତବାସ ହାଇଦ୍ରାବାଦରେ ରହି କାମ କରନ୍ତି। ପୀତବାସ ଏକ ପାନ ଦୋକାନ କରିଥିବାବେଳେ ସତ୍ୟରଞ୍ଜନ ହୋଟେଲରେ କାମ କରୁଛନ୍ତି। ନିକଟରେ ସତ୍ୟରଞ୍ଜନ ଅସୁସ୍ଥ ହୋଇପଡ଼ିବାରୁ ଗାଁକୁ ଆସିଥିଲେ। ତାଙ୍କର ଆପେଣ୍ଡିସାଇଟ୍‌ସ ହୋଇଥିବା ଜଣାପଡ଼ିବା ପରେ ଗତ ଏପ୍ରିଲ ମାସରେ ସିମୁଳିଆ ବ୍ଲକ ସଦର ମହକୁମା ମାର୍କୋଣାରେ ଥିବା ଏକ ଘରୋଇ ନର୍ସିଂହୋମରେ ଅପରେଶନ କରାଯାଇଥିଲା। ଗାଁରେ ସେ ଶାଶୁ ଶାନ୍ତିଲତାଙ୍କ ସହ ସରକାରୀ ଯୋଜନାରେ ମିଳିଥିବା ଦୁଇବଖରା ଇନ୍ଦିରା ଆବାସରେ ରହୁଥିଲେ। ନିଜର ପୁରୁଣା ଟିଣ ଛପର ଘରକୁ ସୋର ଥାନା କୁମ୍ଭି ଗ୍ରାମର ଜଣଙ୍କୁ ଭଡ଼ାରେ ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ନିଜ ପରିବାର ସହିତ ଭଡା ଘରେ ରହି ଫିନାଇଲ ତିଆରି କରୁଥିଲେ। ଗତ ଜୁନ୍ ୧୮ ତାରିଖରେ ଏହି ପରିବାର ଭଡା ଘରେ ନ ଥିବା ବେଳେ ପୋଲିସ ଓ ଅବକାରୀ ବିଭାଗ ଅଧିକାରୀ ପହଞ୍ଚି ଚାବି ଭାଙ୍ଗି ଘର ମଧ୍ୟରୁ ପ୍ଲାଷ୍ଟିକ ଡ୍ରମ ଓ ସ୍ପିରିଟ୍ ଜବତ କରିଥିଲେ। ଏହି ଘରେ ଦେଶୀ ମଦ ତିଆରି କରାଯାଉଥିବା ସନ୍ଦେହରେ ସେମାନେ ଭଡା ଘର ଲୋକଙ୍କୁ ନ ପାଇ ତାଙ୍କ ସ୍ୱାମୀ ସତ୍ୟରଞ୍ଜନଙ୍କୁ ଧରି ନେଇଯାଇଥିଲେ। ସତ୍ୟରଞ୍ଜନ ନିର୍ଦ୍ଦୋଷ ବୋଲି ପରିବାର ଲୋକେ କହୁଥିବା ସମ୍ପର୍କରେ ଅବକାରୀ ବିଭାଗୀୟ ଅଧିକାରୀ କୁଳମଣି ମହାରଣାଙ୍କୁ ପଚାରିବାରୁ କହିଛନ୍ତି, ସେମାନେ ପୁରୁଣା ଘରକୁ ଭଡ଼ାରେ ଦେବା ନେଇ କୌଣସି କାଗଜପତ୍ର ଦେଖାଇ ପାରି ନାହାନ୍ତି। ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତଦନ୍ତ ପରେ ସତ୍ୟରଞ୍ଜନ ଦୋଷୀ କି ନୁହନ୍ତି ତାହା ଜଣାପଡିବ ବୋଲି ସେ କହିଛନ୍ତି।

# ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ

**ବାଲେଶ୍ୱର ଅଫିସ,୨୨।୯**

ବାଲେଶ୍ୱର ରୋଟାରୀ କ୍ଲବ ତରଫରୁ ଚାନ୍ଦିପୁରସ୍ଥିତ ବେଳାଭୂମିରେ ଆନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପାଳନ କରାଯାଇଛି। ସଭାପତି ମାତୃଦତ୍ତ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପାନ୍ଥନିବାସ ସମ୍ମୁଖରେ ଥିବା ବେଳାଭୂମିକୁ ସୁନ୍ଦର ଭାବେ ପରିଷ୍କାର କରିଥିଲେ। ବିପର୍ଯ୍ୟସ୍ତ ହୋଇପଡ଼ିଥିବା କୁଡ଼ କୁଡ଼ ଅଳିଆକୁ କ୍ଲବର ସଭ୍ୟମାନେ ପରିଷ୍କାର କରିଥିଲେ।

ସ୍ଥାନୀୟ ବେଳାଭୂମି ମହୋତ୍ସବ କମିଟିର ସଭ୍ୟ ଆହାମ ଅଲ୍ଲୀ ଖାନ୍ ଓ ପାନ୍ଥନିବାସ ମ୍ୟାନେଜର ତାହିରି ଅଲ୍ଲୀ ଖାନ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ସଭାପତି ଦାସ ବିଶ୍ୱ ବେଳାଭୂମି ପରିଷ୍କାର ହେବାର ଆବଶ୍ୟକତା ଉପରେ କହିଥିଲେ। ରୋଟାରିୟାନ ଭି. ଉଦୟ କୁମାର ଓ ଭାବଗ୍ରାହୀ ମହାନ୍ତି ଉପରୋକ୍ତ ବିଷୟ ଉପରେ ଆଲୋଚନା କରି ସଚେତନ କରାଇଥିଲେ। ଚାନ୍ଦିପୁର ଏକ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ବେଳାଭୂମିର ପରିଷ୍କାର ପରିଚ୍ଛନ୍ନ ପ୍ରତି ଗୁରୁତ୍ୱ ଦିଆ ନ ଗଲେ ପର୍ଯ୍ୟଟନର ବିକାଶ ସମ୍ଭବ ନୁହେଁ ବୋଲି ରୋଟାରୀ କ୍ଲବର ସଭ୍ୟମାନେ ସ୍ଥାନୀୟ ବାସିନ୍ଦାଙ୍କୁ ବୁଝାଇଥିଲେ। ବିକାଶ କର, କର୍ଣ୍ଣେଲ ବିଦ୍ୟାଧର ସିଂ ଓ ବିକ୍ରମ କର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଦିତି ଭରଦ୍ୱାଜ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଚାନ୍ଦିପୁର ବେଳାଭୂମି ସଫେଇ କାର୍ଯ୍ୟରେ ନିୟୋଜିତ ରୋଟାରୀ କ୍ଲବ।

## ଗଣ୍ଡର୍ଦ୍ଦାରେ ରକ୍ତଦାନ ଶିବିର

**ରେମୁଣା, ୨୨।୯(ଡି.ଏନ.ଏ.)**

ବାଲେଶ୍ୱର-ମୟୂରଭଞ୍ଜ ସୀମାନ୍ତ ରେମୁଣା ବ୍ଲକର ଗଣ୍ଡର୍ଦ୍ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କିଶାନ ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ରବିବାର ଗଣ୍ଡର୍ଦ୍ଦା ସରପଞ୍ଚ ଗଜେନ୍ଦ୍ର ସେଠୀ ଶିବିରକୁ ଉଦ୍‌ଘାଟନ କରି ଯୁବଗୋଷ୍ଠୀଙ୍କୁ ସାଧୁବାଦ ଜଣାଇବା ସହ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଠାରୁ ବଡ଼ ପୂଣ୍ୟ କିଛି ନାହିଁ ବୋଲି କହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଯୁବତୀଯୁବକ ରକ୍ତଦାନ ପାଇଁ ବେଶ୍ ଉତ୍ସାହ ପ୍ରଦର୍ଶନ କରିଥିଲେ। ଟ୍ରଷ୍ଟର ସଭାପତି ଜଗଦାନନ୍ଦ ସାମଲ, ସମ୍ପାଦକ ସଞ୍ଜୟ ପାତ୍ର, ସମତିସଭ୍ୟା ମଧୁସ୍ମିତା ମହାଳିକ, ୱାର୍ଡ ସଭ୍ୟ କୃଷ୍ଣଚନ୍ଦ୍ର ବାରିକଙ୍କ ସମେତ ବୀରେନ୍ଦ୍ର ନାଥ, କାର୍ତିକ ମହାଳିକ, କ୍ରିପଟନ ଦାସ, ତାପସ ଦାସ, ସବିତା ପୁହାଣ, ପାର୍ବତୀ ପାତ୍ର, କମଳା ବାରିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶିବିରରୁ ୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ରକ୍ତଭଣ୍ଡାରର ଡା. ମହେଶ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଦେବାଶିଷ ଦତ୍ତ, ଅଜୟ ମହାପାତ୍ର, ଜ୍ୟୋତିଷ ପ୍ରଧାନ, ନରେନ୍ଦ୍ର ମହାଳିକ ରକ୍ତ ସଂଗ୍ରହ କରିଥିଲେ।



ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ସଚେତନତା କର୍ମଶାଳା।

## ଡାକବିଭାଗ ଯୋଜନାକୁ ନେଇ କର୍ମଶାଳା

**ବାଲେଶ୍ୱର ଅଫିସ, ୨୨।୯**

ବାଲେଶ୍ୱର ଜିଲା ଫକୀରମୋହନ ବିଶ୍ୱବିଦ୍ୟାଳୟ ତରଫରୁ ଡାକବିଭାଗ ଦ୍ୱାରା ଉପଲବ୍ଧ ସୁବିଧା ସୁଯୋଗ କ୍ଷେତ୍ରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଓଡ଼ିଶାର ମୁଖ୍ୟ ଡାକପାଳ ଡ. ସନ୍ତୋଷ କୁମାର କମିଳା ବିଶ୍ୱବିଦ୍ୟାଳୟ କର୍ମଚାରୀମାନଙ୍କୁ ଡାକବିଭାଗ ଦ୍ୱାରା ପ୍ରଚଳିତ ସମସ୍ତ ଯୋଜନାଗୁଡ଼ିକ ବିଷୟରେ ବିଶଦ ଭାବରେ ଆଲୋଚନା କରିବା ସହ ତା'ର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଥିଲେ। କର୍ମଶାଳାରେ କୁଳପତି ପ୍ରଫେସର ମଧୁମିତା ଦାସ, କୁଳସଚିବ ଅମର ସିଂ ସୋରେନ ତଥା ବାଲେଶ୍ୱର ଡାକମଣ୍ଡଳର ବରିଷ୍ଠ ଅଧିକାରୀଙ୍କ ସମେତ ବିଶ୍ୱବିଦ୍ୟାଳୟ କର୍ମଚାରୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଥିବା ଉପଡାକ ଘରରେ ଆଧାରକାର୍ଡ଼ ସଂଶୋଧନ ଶିବିର ଅନୁଷ୍ଠିତ ହୋଇଥିଲା।



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

# 'ସାମ୍ପ୍ରତିକୀ' ପୁସ୍ତକ ଉନ୍ମୋଚିତ

**ବାଲିଆପାଳ,୨୨।୯(ସ୍ୱ.ପ୍ର.)**

କବି କିମ୍ବା ଲେଖକମାନେ ନିଜର ସାହିତ୍ୟକୃତିରେ ସମାଜରେ ଘଟୁଥିବା ସାମ୍ପ୍ରତିକ ସମସ୍ୟା ଓ ତାର ସରଳ ସମାଧାନ କଥା ଉଲ୍ଲେଖ କରୁଥିବାରୁ ତାହା ସମାଜ ଏବଂ ବ୍ୟକ୍ତି ପରିବର୍ତ୍ତନରେ ସହାୟକ ହୋଇପାରୁଛି ବୋଲି ବିଶିଷ୍ଟ ବକ୍ତାମାନେ ଉଲ୍ଲେଖ କରିଛନ୍ତି। ପ୍ରାକ୍ତନ ଅଧ୍ୟକ୍ଷ ଡ. ବିଜୟ କୁମାର ଦେଙ୍କ ଲିଖିତ ପୁସ୍ତକ ସାମ୍ପ୍ରତିକୀର ଉନ୍ମୋଚନ ଉତ୍ସବ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ବଡ଼ସିମୁଳିଆସ୍ଥ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତାମାନେ ଯୋଗଦେଇ ଉପରୋକ୍ତ ମତ ଦେଇଥିଲେ।

ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଲେଖକ ଡ. ବିଜୟ କୁମାର ଦେଙ୍କର ଗୁରୁ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସ ପୁସ୍ତକକୁ ଉନ୍ମୋଚନ କରି ପୁସ୍ତକରେ ବର୍ତ୍ତମାନ ସମାଜରେ ପ୍ରତିଦିନ ଘଟୁଥିବା ସତ୍ୟ ଘଟଣାଗୁଡ଼ିକୁ ଲେଖକ ଅତି ସରଳ ଭାବରେ ଉପସ୍ଥାପନା କରିଛନ୍ତି, ଯାହା ଆଗାମୀ ଯୁବପିଢ଼ିଙ୍କ ପାଇଁ ଶିକ୍ଷଣୀୟ ହୋଇରହିବ ବୋଲି ପ୍ରକାଶ କରିଥିଲେ। ବିଶିଷ୍ଟ କବି ତଥା ଲେଖକ କବି ବ୍ରଜେନ୍ଦ୍ର ନାଥ ଗିରି ଏବଂ ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ଦାସ ପୁସ୍ତକଟିର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ପୁସ୍ତକର ଲେଖକ ବିଜୟ କୁମାର ଦେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଷଦର କୋଷାଧ୍ୟକ୍ଷ କାର୍ତ୍ତିକ ରାଉତ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ବଙ୍କିମ ଚନ୍ଦ୍ର ଜେନା, ଅଜିତ ପାତ୍ର, ଯତିନ୍ଦ୍ର ଜେନା, ରାମଚନ୍ଦ୍ର ମଣ୍ଡଳ ସମେତ ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବିଜେଡି ସଦସ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ

**ଖଇରା, ୨୨।୯(ଡି.ଏନ.ଏ.)**

ସିମୁଳିଆ ବିଧାୟକ ତଥା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଖଇରା ବ୍ଲକ ଖଇରା ପଞ୍ଚାୟତରୁ ବିଜେଡି ସଦସ୍ୟତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଶନିବାର ସନ୍ଧ୍ୟାରେ ଏହି ଅବସରରେ ବ୍ରଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ମହିଳା ସଂଘର ସଭାପତି ରଶ୍ମିତା ମହାପାତ୍ର, ସରପଞ୍ଚ ସୁଦର୍ଶନ ସେଠୀ, ନାଏବ ସରପଞ୍ଚ ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗ ଦେଇ କିଭଳି ଅଧିକରୁ ଅଧିକ ସଦସ୍ୟ ଦଳରେ ଯୋଗ ଦେଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜୟ ସାହୁ, ଦୋଳଗୋବିନ୍ଦ ମହାରଥା, ଶଶାଙ୍କ ଶେଖର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨ଶହ ସଦସ୍ୟ ପ୍ରାଥମିକ ସଦସ୍ୟପଦ ଗ୍ରହଣ କରିଥିଲେ।

# ପ୍ରାଥମିକ ଶିକ୍ଷକ ସଂଘର ପ୍ରଥମ ବାର୍ଷିକ ଉତ୍ସବ

**ଖଇରା,୨୨।୯(ଡି.ଏନ.ଏ.)**

ଓଡିଶା ପ୍ରାଥମିକ ଶିକ୍ଷକ ସଂଘ(ନୂତନ ପେନସନଭୁକ୍ତ) ର ପ୍ରଥମ ବାର୍ଷିକ ଉତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଶିକ୍ଷକ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲମ୍ବୋଦର ଦାସ ପୌରୋହିତ୍ୟ କରିଥିଲେ। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉତ୍ସବକୁ ଉଦ୍‌ଘାଟନ କରି ସୁସ୍ଥ ପରମ୍ପରା ମଧ୍ୟରେ ଶିକ୍ଷା ବ୍ୟବସ୍ଥାକୁ ଆଗେଇ ନେବା ଆବଶ୍ୟକ ବୋଲି କହିଥିଲେ। ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟବକ୍ତା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ମହେଶ ଚୌଧୁରୀ, ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର, ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତ, ଗୋଲକ ବିହାରୀ ପାଢ଼ୀ ଓ ଶ୍ରୀଧର ବେହେରା, ସିମୁଳିଆ ଶାଖା ସଭାପତି ବିରେନ୍ଦ୍ର କୁମାର ଶତପଥି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଦୁର୍ଗାମାଧବ ଜେନା ଅତିଥି ପରିଚୟ, ଭରତ ଚନ୍ଦ୍ର ଶିଅଳ ମାନପତ୍ର ପାଠ, ସୁଦର୍ଶନ ସେଠୀ ବିବରଣୀ ପାଠ, ଲକ୍ଷ୍ମଣ ସେନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚଳିତବର୍ଷ ଅବସର ଗ୍ରହଣ କରିଥିବା ଶିକ୍ଷକ ଗୟାଧର ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଗୟାଧର ରାଉଳଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଉଛି।

# ବସ୍‌ରେ ପିଟି ହେଲା ବାଇକ୍: ଜଣେ ମୃତ, ଜଣେ ଗୁରୁତର

**ଭୋଗରାଇ, ୨୨।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଜଳସୋହରିଆ ପାନମାର୍କେଟ୍‌ଠାରେ ଏକ ବସ୍‌କୁ ଓଭରଟେକ କରିବାକୁ ଯାଇ ଜଣେ ବାଇକ୍ ଆରୋହୀ ବସ୍ ଚକା ତଳେ ଚାପି ହୋଇଯାଇଛନ୍ତି। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ହେଲେ ପଶ୍ଚିମମେଦିନୀପୁର ଜିଲା ବେଲ୍‌ଦା ଥାନା ଅଧୀନ ବାଖରାବାଦ ଡିଗଲାଲ ଗ୍ରାମର କାର୍ତ୍ତିକ ମାନ୍ନା (୨୨)।

ଭୋଗରାଇ-ଚନ୍ଦନେଶ୍ୱରରୁ ଲକ୍ଷ୍ମୀନାରାୟଣ ବସ୍ (ନଂ. ଓଆର୍‌୦୧ଏସ୍-୪୦୫୬)ଜଳେଶ୍ୱର ଅଭିମୁଖେ ରବିବାର ସନ୍ଧ୍ୟାରେ ଯାଉଥିବାବେଳେ ପାନ ମାର୍କେଟଠାରେ ଏହି ଦୁର୍ଘଟଣା ଘଟିଥିଲା। ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଯୁବକ ଡିଗଲାଲ ଗ୍ରାମର ରାଧା ମାନ୍ନା (୨୧) ରାସ୍ତାରେ ଛିଟ୍‌କି ପଡ଼ି ଅଚେତ ହୋଇପଡିବାରୁ ସ୍ଥାନୀୟ ଲୋକେ ତାଙ୍କ ମୁହଁରେ ପାଣି ପକାଇ ଚେତା ଫେରାଇଥିଲେ। ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଭୋଗରାଇ ପୋଲିସ ଥାନାକୁ ଆଣି ପ୍ରାଥମିକ ତଦନ୍ତ ଜାରି ରଖିଛି।

# 'ପରିବେଶକୁ ସୁଧାରିବା ପାଇଁ ବୃକ୍ଷରୋପଣ ଜରୁରୀ'

**ବାଲେଶ୍ୱର ଅଫିସ,୨୨।୯**

ବାଲେଶ୍ୱର ଜିଲା ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ନାଗରିକ ସୁରକ୍ଷା ଅଧିକାର ଓ ଦୁର୍ନୀତି ନିବାରଣ ସଂଘ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବୈଦ୍ୟନାଥ ଷଡ଼ଙ୍ଗୀ ଓ ଶିଶୁ ବିଦ୍ୟାମନ୍ଦିରର ମୁଖ୍ୟ ଉପେନ୍ଦ୍ର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା। ଆୟୋଜିତ ସଭାରେ ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ତିଥିରେ ୧୫୦ ପ୍ରକାରର ବିଭିନ୍ନ ଉନ୍ନତମାନର ଚାରା ଓ ଗଛକୁ ସହରର ବିଭିନ୍ନ ଜାଗାରେ ଲଗାଯିବ ବୋଲି ଷଡ଼ଙ୍ଗୀ କହିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ମଜଦୁର ସଂଘର ସମ୍ପାଦକ ପୃଥ୍ୱିରାଜ ପଣ୍ଡା ଯୋଗଦେଇ ଚାରାରୋପଣର ଉପକାରିତା ଓ ପରିବେଶକୁ ସୁଧାରିବା ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ସମାଜସେବୀ ଯଶୋଦା ନନ୍ଦନ ଆଶ୍ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କାଞ୍ଚନବାଳା ପାତ୍ର, ଦୀପ୍ତିକାନ୍ତ ମିଶ୍ର, ମଦନ ଖଣ୍ଡେଲୱାଲ, ମନୋରଞ୍ଜନ ପାଲ, ଦାମୋଦର ନାୟକ, ନବକୃଷ୍ଣ ପୋଥାଳ, ବାସନ୍ତୀ ନାୟକଙ୍କ ସମେତ ଶିଶୁ ମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ଓ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




ଆୟୋଜିତ ସଭାରେ ଉପସ୍ଥିତ ଅତିଥି।

# ପ୍ରସ୍ତାବରେ ଅଟକିଛି ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା

■ଖାଲିପଡିଛି ଏସଡିସି ଅଧ୍ୟକ୍ଷ, ଉପାଧ୍ୟକ୍ଷ ପଦବୀ
■ଆଦିବାସୀ କଳା, ସଂସ୍କୃତି ଓ ପରମ୍ପରାର ହେଉନି ପୁନରୁଦ୍ଧାର

ବାରିପଦା ଅଫିସ,୨୨ା୯

ମୟୂରଭଞ୍ଜ ଜିଲାର ଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ଓ ସାମାଜିକ ବିକାଶ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) କାର୍ଯ୍ୟକାରୀ ହେଉଛି। ଜିଲାରେ ବସବାସ କରୁଥିବା ୧୬ ପ୍ରକାର ଆଦିମ ଜନଜାତିଙ୍କ ସାମଗ୍ରିକ ବିକାଶ ଏହାର ମୁଖ୍ୟ ଉଦ୍ଦେଶ୍ୟ । ଆଦିବାସୀମାନଙ୍କ କଳା,ସଂସ୍କୃତି,ପରମ୍ପରା,ଗୀତ ଓ ନୃତ୍ୟ ହଜିଯିବାକୁ ବସିଥିବା ବେଳେ ଏହାର ପୁନରୁଦ୍ଧାର ସହ ଲୁପ୍ତ ହେବାକୁ ବସିଥିବା ଆଦିବାସୀମାନଙ୍କ ମୌଳିକତ୍ୱକୁ ମଧ୍ୟ ପୁନର୍ଜୀବିତ କରିବା ଏହି ସଂସ୍ଥାର ମୁଖ୍ୟ କାର୍ଯ୍ୟ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦବୀ ଖାଲି ପଡିଛି। ଫଳରେ ଏହି ପରିଷଦ ଅଧୀନରେ ହେବାକୁ ଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଅଧାରେ ଅଟକିଛି। ଜିଲାରେ ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା କରିବା ପାଇଁ ଦୀର୍ଘଦିନ ହେବ ପରିଷଦ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହା ପ୍ରସ୍ତାବରେ ହିଁ ଅଟକି ରହିଛି।

ସାଧାରଣ ନିର୍ବାଚନ ପରେ ବିଜୁ ଜନତା ଦଳର ସରକାର ଗଠନ ହୋଇଥିଲେ ମଧ୍ୟ ଏହି ଦୁଇ ପଦବୀ ପୂରଣ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ପରିଷଦର ଅଧ୍ୟକ୍ଷ ପଦବୀ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର। ପରିଷଦ ଆରମ୍ଭ ବେଳେ ଜିଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଥିବା ଡା.ଦେବାଶିଷ ମାରାଣ୍ଡିଙ୍କୁ ଏହି ପଦବୀରେ ଥଇଥାନ କରାଯାଇଥିଲା। ସେ ଗତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ପକ୍ଷରୁ ମୟୂରଭଞ୍ଜ ଏମପି ପ୍ରାର୍ଥୀ ଭାବେ ଟିକଟ ପାଇଥିବାରୁ ତାଙ୍କୁ ଏହି ପଦବୀରୁ ଇସ୍ତଫା ଦେବାକୁ ପଡିଥିଲା। ନିର୍ବାଚନରେ ସେ ପରାଜିତ ହୋଇଥିଲେ। ସେହିପରି ଉପାଧ୍ୟକ୍ଷ ପଦବୀରେ ବିଜେଡି ନେତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ଥଇଥାନ କରାଯାଇଥିଲା। ସେ ମଧ୍ୟ ଗତ ସାଧାରଣ ନିର୍ବାଚନରେ କରଞ୍ଜିଆ ବିଧାନସଭା ଆସନରେ ବିଜୁ ଜନତା ଦଳରୁ ପ୍ରାର୍ଥୀ ହୋଇ ଉପାଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଥିଲେ। ବର୍ତ୍ତମାନ ସେ ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି। ପରିଷଦର ସଭ୍ୟ ଥିବା ବିଜେଡି ଯୁବ ନେତା ଗୋଲକ ନାୟକଙ୍କୁ ମଧ୍ୟ ଦଳ ଯଶିପୁର ବିଧାନସଭା ଆସନରେ ବିଧାୟକ ଟିକଟ ଦେଇଥିଲା। ସେଠାରୁ ସେ ପରାଜିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପରିଷଦରେ ଅଧ୍ୟକ୍ଷ, ଉପାଧ୍ୟକ୍ଷ ପଦବୀ ସହିତ ୨୩ ଜଣ ସଭ୍ୟ ରହିଛନ୍ତି। ବର୍ତ୍ତମାନ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ୨ ଟି ସଭ୍ୟ ପଦବୀ ଖାଲି ରହିଛି। ରାଜ୍ୟ ସରକାର ଏହି ପଦବୀ ପୂରଣ କରିବା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି।

ସେହିପରି ଜନଜାତି ସଂସ୍କୃତିର ସଂରକ୍ଷଣ ଓ ପରିପ୍ରସାର, ଜନଜାତି ଭାଷା ସମୂହର ପ୍ରସାର ଓ ବିକାଶ, ସଂସ୍କୃତି ଆଧାରିତ ଉନ୍ନୟନ ବ୍ୟବସ୍ଥା , ଜନଜାତିଙ୍କ ପବିତ୍ର ପୀଠର ସଂରକ୍ଷଣ ଓ ସୁରକ୍ଷା ପ୍ରଦାନ କରିବା, ଜନଜାତି କାରିଗରମାନଙ୍କୁ ପରିଚୟପତ୍ର ତଥା ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରିବା, ଜନଜାତି କ୍ରୀଡା ଆୟୋଜନ ଏବଂ କ୍ରୀଡାବିତମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା,ରାଜ୍ୟ ତଥା ରାଜ୍ୟ ବାହାରେ ଜନଜାତି ନୃତ୍ୟ ସଂଗୋଷ୍ଠୀ ଆୟୋଜନ କରିବା, ଜନଜାତି ଭାଷାର ପ୍ରସାର କରିବା, ଜନଜାତି ପ୍ରମାଣପତ୍ର, ନିଯୁକ୍ତି କାର୍ଡ, ଆଧାର କାର୍ଡ ପ୍ରଦାନ ପାଇଁ ସହାୟତା ପ୍ରଦାନ କରିବା ଦିଗରେ ଏହି ପରିଷଦ କାର୍ଯ୍ୟକାରୀ କରିବା ନେଇ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡିକ ଖାଲି ପଡିଥିବାରୁ ବିକାଶ କାର୍ଯ୍ୟ ଅଧାରେ ଅଟକିଛି। ଏନେଇ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଜିଲାବାସୀ ଦାବି କରିଛନ୍ତି।

## ବହଳଦା କିଚକେଶ୍ୱରୀଙ୍କ ଶାରଦୀୟ ପୂଜା ଆରମ୍ଭ

ବହଳଦା,୨୨ା୯(ଡି.ଏନ୍.ଏ.)- ମୟୂରଭଞ୍ଜର ଅନ୍ୟତମ ଶକ୍ତିପୀଠ ବହଳଦାର ମା' କିଚକେଶ୍ୱରୀ ଠାକୁରାଣୀଙ୍କ ଶାରଦୀୟ ପାର୍ବଣ ରବିବାର ମୂଳାଷ୍ଟମୀ ଠାରୁ ଆରମ୍ଭ ହୋଇଛି । ପ୍ରାତଃ ସମୟରୁ ସେବାୟତମାନେ ମା'ଙ୍କ ସ୍ୱତନ୍ତ୍ର ଶୃଙ୍ଗାର ଓ ବେଶ କରିଥିଲେ। ରାଜ ପୁରୋହିତ ଅଶୋକ କୁମାର ସାମନ୍ତରାୟ ମା'ଙ୍କ ପାରମ୍ପରିକ ପୂଜାନୀତି ସହ ଷୋଡଶଉପଚାର ପୂଜା କରିଥିଲେ। ଏହି ଅବସରରେ ୮ଜଣ ବୈଦିକବ୍ରାହ୍ମଣ ଦେବରାଜ ଦାଶ, ଧୀରେନ୍ଦ୍ର ମିଶ୍ର, ପ୍ରତ୍ୟୁଷ କୁମାର ଦାଶ, ସୁବ୍ରତ କମାର ଦାଶ, ଶାନ୍ତନୁ ସାମନ୍ତରାୟ, ଆର୍ଯ୍ୟଶଙ୍କର ପାଣିଗ୍ରାହୀ,ଦିଲ୍ଲୀପ ମହାପାତ୍ରଙ୍କୁ ରାଜପରୋହିତ ସଂକଳ୍ପ କରିବା ସହ ନୂତନ ବସ୍ତ୍ର ଦେଇ ବରଣ କରିଥିଲେ। ବିଜୟା ଦଶମୀ ପର୍ଯ୍ୟନ୍ତ ୧୬ ଦିନ ବ୍ୟାପି ମା'ଙ୍କ ପୂଜାର୍ଚ୍ଚନା କରାଯିବ।

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର

ରାଇରଙ୍ଗପୁର,୨୨ା୯(ଡି.ଏନ୍.ଏ.): ରାଇରଙ୍ଗପୁର ସହରାଞ୍ଚଳସ୍ଥିତ ପୂଜା ଗେଷ୍ଟ ହାଉସ୍ ନିକଟସ୍ଥ ୨୨ ନଂ. ଜାତୀୟ ରାଜପଥରେ ରବିବାର ଦୁଇ ବାଇକ୍ ଧକ୍କାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହାଟବାଦଡ଼ା ଗ୍ରାମର ରିପନ କୁମାର ଦାସ ଓ ଅନ୍ୟ ଜଣେ ସ୍ଥାନୀୟ ବନ ବିଭାଗ କର୍ମଚାରୀ ଯଶୋବନ୍ତ କରାଳି ବୋଲି ଜଣାପଡିଛି।

### ୬ଟି ଛେଳି ଚୋରି ଅଭିଯୋଗ

ରାଇରଙ୍ଗପୁର,୨୨ା୯(ଡି.ଏନ୍.ଏ.): ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଲୋଧବଣୀ ଗ୍ରାମର ଧୀରମଣି ଗିରିଙ୍କ ଗୁହାଳରୁ ଶନିବାର ବିଳମ୍ବିତ ରାତିରେ ୬ଟି ଛେଳି ଚୋରି ହୋଇଛି। ଚୋରି ହୋଇଥିବା ଛେଳିଗୁଡିକର ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କା ହେବ। ଏଥି ସହିତ ଦୁର୍ବୃତ୍ତମାନେ ଏକ ଗ୍ୟାସ୍ ଚୂଲା ଚୋରାଇ ନେଇଥିବା ଗୃହମାଲିକ ଅଭିଯୋଗ କରିଛନ୍ତି। ଏଥିନେଇ ପୋଲିସ ଏକ ମାମଲା (ନଂ. ୩୭/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

### ଜମିବାଡ଼ିକୁ କେନ୍ଦ୍ରକରି ଗଣ୍ଡଗୋଳ

ରାଇରଙ୍ଗପୁର,୨୨ା୯(ଡି.ଏନ୍.ଏ.): ରାଇରଙ୍ଗପୁର ସହରାଞ୍ଚଳ ଇଚିଣ୍ଡା ୧୨ ନଂ. ୱାର୍ଡ ବସ୍ତି ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଜମିବାଡ଼ିକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଉଭୟ ଗୋଷ୍ଠୀର ଅଭିଯୋଗକୁ ଭିତ୍ତି କରି ପୋଲିସ ୨ଟି ପୃଥକ ମାମଲା (ନଂ.୧୦୮/୧୯ ଓ ୧୦୯/୧୯) ରୁଜୁ କରିଛି। ଏହି ଘଟଣାରେ ମାଲକା ବେହେରାଙ୍କୁ ଗିରଫ କରି ରବିବାର ପୋଲିସ କୋର୍ଟ ଚାଲାଣ କରିଛି।

### ଦୁର୍ଗା ପୂଜା ପାଇଁ ପୋଲିସ ପ୍ରଶାସନର ବୈଠକ

ରାଇରଙ୍ଗପୁର,୨୨ା୯(ଡି.ଏନ୍.ଏ.): ଆଗାମୀ ଦୁର୍ଗାପୂଜା ଏବଂ କାଳିପୂଜା ସକାଶେ ରାଇରଙ୍ଗପୁର ପୋଲିସ ପ୍ରଶାସନ ପକ୍ଷରୁ ରବିବାର ଶାନ୍ତିଶୃଙ୍ଖଳା ସୁରକ୍ଷା ସକାଶେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଡେଲ ଟାଉନ୍ ଥାନା ପରିସର ଅଭ୍ୟର୍ଥନା କକ୍ଷରେ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇରଙ୍ଗପୁର ସହରାଞ୍ଚଳରେ ଆଗାମୀ ଦୁର୍ଗାପୂଜା ଏବଂ କାଳିପୂଜା ମଣ୍ଡପଗୁଡ଼ିକରେ ସୁରକ୍ଷିତ ଅଗ୍ନିନିର୍ବାପକ ଯନ୍ତ୍ର ବ୍ୟବସ୍ଥା, ପୂଜା କମିଟି ସଦସ୍ୟଙ୍କ ପରିଚୟପତ୍ର ରଖିବା ସହ ମାଇକ୍, ଡିଜେ ସାଉଣ୍ଡ କଟକଣା ପ୍ରଭୃତି ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ବୈଠକରେ ରାଇରଙ୍ଗପୁର ସହରାଞ୍ଚଳର ବିଭିନ୍ନ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଏବଂ ସଦସ୍ୟ ଯୋଗ ଦେଇଥିଲେ।

### ଭାଲୁବସା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

କପ୍ତିପଦା,୨୨ା୯(ଡ଼ି.ଏନ୍.ଏ.)- କପ୍ତିପଦା ବ୍ଲକ୍ ଅଧୀନ ଭାଲୁବସା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ ଧାମୁଡ଼ିଆ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ନିଳାଦ୍ରୀକଲ୍ୟାଣ ଦାସ, ଛାତ୍ର ପ୍ରିୟାଂଶୁ ବେହେରା, ଶିବଶଙ୍କର ସିଂ, ଗୌରମୋହନ ସିଂ, ପ୍ରତିଭା ବଗାଳ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଅନୁଭୂତି ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଏହି ପରିପ୍ରେକ୍ଷୀରେ ୩ଟି ଗ୍ରୁପକୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବର୍ଣ୍ଣରେଖା ଜଳ ଗ୍ରୁପ ପ୍ରଥମ, ମହାନଦୀ ଜଳ ଦ୍ୱିତୀୟ ଓ ବଂଶଧାରା ଜଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦର୍ଶନ କୁମାର ସାହୁ, ମାମିନା ସ୍ୱାଇଁ, ବନ୍ଧନ କୁମାର ଦେହୁରୀ, ଦିବ୍ୟପ୍ରକାଶ ପରିଡ଼ା, ହିରଣ୍ମୟୀ ମହାନ୍ତ, ଲକ୍ଷ୍ମୀଧର ବାନରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଝରଣା ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦା ମହାବିଦ୍ୟାଳୟରେ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ


ଉପସ୍ଥିତ ଅତିଥିବୃନ୍ଦ।

ବାରିପଦା ଅଫିସ,୨୨ା୯

ବାରିପଦା ସହର ଭଞ୍ଜପୁରସ୍ଥିତ ବାରିପଦା ମହାବିଦ୍ୟାଳୟରେ ଏକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା, ଜିଲା ପୋଲିସ, ପରିବହନ ବିଭାଗ ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ତରୁଣ କୁମାର ଓଝା ସଭାପତିତ୍ୱ କରିଥିଲେ। ଏଆରଟିଓ ମନୋଜ କୁମାର ଟପ୍ପୋ, ବାରିପଦା ସଦର ଏସଡିପିଓ କୃଷ୍ଣପ୍ରସାଦ ପଟ୍ଟନାୟକ, ଏସଆଇ ପ୍ରଶାନ୍ତ କୁମାର ସାହୁ, ଡାକ୍ତର ପ୍ରଣବ ଶଙ୍କର ଦାଶ, ଏସଆଇ ପ୍ରଫୁଲ୍ଲ କୁମାର ବାରିକ, ସର୍ଜେଣ୍ଟ ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଟ୍ରାଫିକ ନିୟମଗୁଡିକ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ରାଜେଶ କୁମାର ଷଡ଼ଙ୍ଗୀ, ସରୋଜ କୁମାର ବେହେରା, ପ୍ରଶାନ୍ତ କୁମାର ମହାନ୍ତି, ନିରୂପମା ନାୟକ, ଡ.ଅଞ୍ଜଳି ପଣ୍ଡା, ସଂଯୁକ୍ତାରାଣୀ ସୁର ଓ ଅଟଳ କୁମାର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କୋଚିଂ ବ୍ୟବସ୍ଥା


ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥି ବୃନ୍ଦ।

ବାରିପଦା ଅଫିସ,୨୨ା୯

ବାରିପଦା ସହର ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ପରିସରରେ ଛାତ୍ରୀଛାତ୍ରଙ୍କ ଲାଗି ବ୍ୟାଙ୍କ, ରେଳବାଇ ତଥା ସରକାରୀ, ବେସରକାରୀ ନିଯୁକ୍ତି କ୍ଷେତ୍ରରେ ସଫଳତା ହାସଲ କରିବା ଲାଗି ବିଶେଷ କୋଚିଂର ବ୍ୟବସ୍ଥା କରାଯାଇଛି। କଲେଜରେ ଅଧ୍ୟୟନରତ ଯୁକ୍ତ ୩ ଓ ପର୍ସନାଲ ମ୍ୟାନେଜମେଣ୍ଟ ଏବଂ ଇଣ୍ଡଷ୍ଟ୍ରିଆଲ ରିଲେଶନ ବିଭାଗର ଛାତ୍ରୀଛାତ୍ର ଏହି ତାଲିମ ନେଉଛନ୍ତି। ବାରିପଦାସ୍ଥିତ ଅକ୍ସିଜେନ କୋଚିଂ ସେଣ୍ଟରର ମାଷ୍ଟର ଟ୍ରେନର ଏବଂ ରାଜ୍ୟସ୍ତରୀୟ ଅନ୍ୟ କୋଚିଂ ସେଣ୍ଟରର ଶିକ୍ଷକମାନେ ଏଠାରେ ଶିକ୍ଷାଦାନ କରୁଛନ୍ତି । ଅଧ୍ୟକ୍ଷ ପ୍ରଦୀପ ନାୟକ ଶୁକ୍ରବାର ଏହି କୋଚିଂ ବ୍ୟବସ୍ଥାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ଉପାଧ୍ୟକ୍ଷା ସଂଘମିତ୍ରା ରାଉତ, ଅଧ୍ୟାପିକା ମଦନମୋହନ ସାହୁ, ଗଣେଶ ଚନ୍ଦ୍ର ପରିଡ଼ା, ଯୋଗେଶ୍ୱର ବେହେରା, ରାମଚନ୍ଦ୍ର ଜେନା, ବିବେକ କୁମାର ବେହେରା, ପଞ୍ଚାନନ ସାହୁ, ଅଧ୍ୟାପିକା ସାଗରିକା ପଣ୍ଡା, ପୂଜାରିଣୀ ଦାସ, ଅଭୀପ୍ସା ନାୟକ, ସବିତାରାଣୀ ଦାଶ, ଶତାବ୍ଦିକା ମହାନ୍ତି, ମୀରା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ଅକ୍ସିଜେନର ଡାଇରେକ୍ଟର ଅମର ଦାଶ କଲେଜର ଅଧ୍ୟକ୍ଷଙ୍କ ସହିତ କୋଚିଂ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ଅକ୍ସିଜେନର ସମ୍ବିତ କୁମାର ଶତପଥୀ, ରାଜ କୁମାର ସାହୁ ଏବଂ ରାକେଶ କୁମାର ଦାଶ ନିୟମିତ ଶିକ୍ଷାଦାନ କରୁଛନ୍ତି। ଏଥିସହ ଇଂଲିଶ ଓ ଓଡ଼ିଆ ବ୍ୟାକରଣ, ସାଧାରଣଜ୍ଞାନ ସହିତ ଓ.କେ.ସି.ଏଲ. ଅଧୀନରେ କମ୍ପ୍ୟୁଟର ଶିକ୍ଷା ମଧ୍ୟ ପ୍ରଦାନ କରାଯାଉଛି।

## ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା

ଠାକୁରମୁଣ୍ଡା,୨୨ା୯(ଡ଼ି.ଏନ୍.ଏ.)

ଠାକୁରମୁଣ୍ଡା ଥାନା ଆମ ପୋଲିସ ସମିତି ପକ୍ଷରୁ ରବିବାର ସଡକ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ନିରୋଜ କୁମାର ସାମଲ ଓ ଏଏସଆଇ ଅକ୍ଷୟ କୁମାର ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ କସ୍ତୁରବା ଗାନ୍ଧୀ ବଳିକା ବିଦ୍ୟାଳୟ ଓ ସୈନିକ ସ୍କୁଲର ଛାତ୍ରୀଛାତ୍ର ସ୍ଥାନୀୟ ସଚେତନ ନାଗରିକମାନଙ୍କୁ ନେଇ ରୁଗୁଡିବେଡା ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରୁ ଏକ ରାଲି ବାହାରି ବଜାର ପରିକ୍ରମା କରି ଥାନାରେ ପହଞ୍ଚିଥିଲା। ରାଲିରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାରର ସଚେତନତା ସୃଷ୍ଟି କରୁଥିବା ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ ଧରିବା ସହ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜନ ସାଧାରଣମାନଙ୍କୁ ସଡ଼କସୁରକ୍ଷା ବାବଦରେ ସଚେତନ କରିଥିଲେ। ବାଇକ ଚାଳନା ସମୟରେ ହେଲମେଣ୍ଟ ବ୍ୟବହାର କରିବା, ମଦ୍ୟପାନ କରି ଗାଡି ନ ଚଳାଇବା ଆଦି ବିଭିନ୍ନ ବିଷୟରେ ସଚେତନ କରିଥିଲେ ।

## ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ବଡ଼ସାହି,୨୨ା୯(ସ୍ୱ.ପ୍ର.)-ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଚାନ୍ଦଡିହା ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷକ ଶଙ୍କର୍ଷଣ ଛାଟିଆଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଶଚୀନ୍ଦ୍ର କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଇଓ ଦେବବ୍ରତ ବାରିକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଆରସିସି ବାବାଜୀ ଚରଣ ବେହେରା, ସମ୍ମାନନୀୟ ଅତିଥି ଭାବେ ଏବିଇଓ ପଦ୍ମଲୋଚନ ଦାସ, ସୋମନାଥ ଦାସ, ସିଆରସିସି ସଞ୍ଜୟ କୁମାର ପାତ୍ର ଓ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ର ଓ ସହକର୍ମୀ ଓ ପରିଚାଳନା କମିଟି ପକ୍ଷରୁ ମୁଖ୍ୟଅତିଥି ବିଦାୟୀ ଶିକ୍ଷକଙ୍କୁ ମାନପତ୍ର, ଉତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ସଭାପତି ଭାବେ କାର୍ଯ୍ୟ ତୁଲାଉଥିବା ଶିକ୍ଷକ ବିଶ୍ୱାଳ ଓ ଶ୍ରୀକୃଷ୍ଣ ମହାନ୍ତ ପୂର୍ବରୁ ସୁହାଗପୁର କ୍ଲଷ୍ଟରରେ ସିଆରସିସି ରହିଥିବାରୁ ଉଭୟଙ୍କୁ ମୁଖ୍ୟଅତିଥି ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷକ ଶୁଭ୍ରଜ୍ୟୋତି ଦଣ୍ଡପାଟ ମଞ୍ଚ ପରିଚାଳନା କରିଥିଲେ।

## ବାଙ୍ଗିରିପୋଷି ମିନିଷ୍ଟାଡିୟମ ପରିଦର୍ଶନ କଲେ କ୍ରୀଡ଼ାମନ୍ତ୍ରୀ

ବାଙ୍ଗିରିପୋଷି,୨୨ା୯(ଡ଼ି.ଏନ୍.ଏ.)- କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମୟୂରଭଞ୍ଜ ଜିଲା ଗସ୍ତରେ ଆସି ରବିବାର ବାଙ୍ଗିରିପୋଷି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳପଡିଆ ପରିଦର୍ଶନ କରିଥିଲେ । ସରକାରଙ୍କ ପକ୍ଷରୁ ସମସ୍ତ ବ୍ଲକରେ ଗୋଟିଏ ମିନିଷ୍ଟାଡିୟମ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ପଡ଼ିଆ ମଧ୍ୟରେ ଗୋରୁ ଚରୁଥିବା ଦେଖି ଅତିଶୀଘ୍ର ଫାଟକ ନିର୍ମାଣ କରିବା ପାଇଁ ମନ୍ତ୍ରୀ ସ୍ଥାନୀୟ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ବାଙ୍ଗିରିପୋଷି ବ୍ଲକ ଦାୟିତ୍ୱରେ ଥିବା ବିଶୋଇ ବିଡିଓ ବିବୁଧ ଗଡନାୟକ, ସହକାରୀ ଯନ୍ତ୍ରୀ ଜଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ସ୍ୱାଗତ ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥିମାନେ।

କପ୍ତିପଦା,୨୨ା୯(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଯୁକ୍ତ ୩ ଓଡ଼ିଆ ବିଭାଗରେ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦିଲୀପ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସାହିତ୍ୟ ସହିତ ସମାଜ ଓ ମଣିଷର ସମ୍ପର୍କ କିଭଳି ନିବିଡ଼ ସେ ବିଷୟରେ ଆଲୋକପାତ କରିଥିଲେ । ନିମନ୍ତ୍ରିତ ଅତିଥିଭାବେ ଦର୍ଶନ ବିଭାଗର ମୁଖ୍ୟ ଅଧ୍ୟାପକ ସୁରଞ୍ଜନ ଶତପଥୀ, ଅଧ୍ୟାପିକା କବିତା ମହାନ୍ତି, ଗଣିତ ବିଭାଗର ମୁଖ୍ୟ ଅବନ୍ତୀ ଷଡ଼ଙ୍ଗୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧ୍ୟାପିକା ସରିତା ଦ୍ୱିବେଦୀ, ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଣବ କିଶୋର ପାଢ଼ୀ ଉଦ୍‌ବୋଧନ ଦେଇଥିଲେ। ସଭା ପ୍ରାରମ୍ଭରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଶୁଭସ୍ମିତା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ଦ୍ୱିତୀୟ ଓ ତୃତୀୟ ବର୍ଷର ଶିକ୍ଷାର୍ଥୀମାନେ ନବାଗତଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସ୍ୱାଗତ କରିଥିଲେ। ବୈଠକରେ ଅଧ୍ୟକ୍ଷତା କରିଥିଲେ ବିଭାଗୀୟ ଅଧ୍ୟାପକ ସନ୍ତୋଷ ମହାନ୍ତି ।

## 'ଆଧୁନିକତା ଏକ ମାନସିକ ଚେତନା'



ପାଠଚକ୍ରରେ ଉପସ୍ଥିତ ଅତିଥି।

କପ୍ତିପଦା,୨୨ା୯(ଡ଼ି.ଏନ୍.ଏ.)-

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ନୁଦୁଡିହାସ୍ଥିତ ମେଘାସନ ମହାବିଦ୍ୟାଳୟରେ ଗୁରୁବାର ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପର ଭାବବସ୍ତୁ' ଶୀର୍ଷକ ଏହି ପାଠଚକ୍ରରେ ଉପସ୍ଥିତ ଅତିଥିମାନେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ଡ. ଶୁଭଦର୍ଶିନୀ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. ଫକୀର ଚରଣ ବେହେରା, ମୁଖ୍ୟବକ୍ତା ସଂସ୍କୃତ ଅଧ୍ୟାପକ ପ୍ରସନ୍ନ କୁମାର ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବରିଷ୍ଠ ଅଧ୍ୟାପକ ନକୁଳ ଜେନା ପ୍ରମୁଖ ଯୋଗଦେଇ ସାହିତ୍ୟରେ ଆଧୁନିକତା ଏକ ମାନସିକତା ଚେତନା ବୋଲି ମତବ୍ୟକ୍ତ କରିଥିଲେ । ସାମ୍ପ୍ରତିକ ଗଳ୍ପ ଚରିତ୍ର, ଧର୍ମ ଓ ବାସ୍ତବବାଦୀ ନ ହୋଇ ପାଶ୍ଚାତ୍ୟ ଅଭିମୁଖୀ ହେବା ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଥିଲେ। ଏହି ଅବସରରେ ବିଭାଗୀୟ ଅଧ୍ୟାପକ ତପନ କୁମାର ନାୟକ, ଅଧ୍ୟାପିକା ସୌମ୍ୟା ବାରିକ, ଛାତ୍ରୀଛାତ୍ର ଚନ୍ଦନ କୁମାର ବାସ୍କେ, ପଦ୍ମିନୀ ନାୟକ, ସୌଦାମିନୀ ନାୟକ ଓ ଲିପୁନ ପଲତା ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପକ ସନ୍ତୋଷ କୁମାର ଜେନା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଶେଷରେ ଅଧ୍ୟାପିକା ସୌମ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରଥମ ବର୍ଷ ପଦାର୍ଥ, ରସାୟନ ବିଭାଗରେ ସ୍ୱାଗତ ଉତ୍ସବ

## 'ଲକ୍ଷ୍ୟ ସାଧନ ଲାଗି ଛାତ୍ରୀଛାତ୍ର ଚେଷ୍ଟା ଜାରି ରଖନ୍ତୁ'

ବାରିପଦା ଅଫିସ,୨୨ା୯

ବାରିପଦା ସହର ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ପ୍ରଥମ ବର୍ଷ ପଦାର୍ଥ ଏବଂ ରସାୟନ ବିଭାଗ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ଏବଂ ତୃତୀୟ ବର୍ଷ ଛାତ୍ରୀଛାତ୍ରମାନେ ପୁଷ୍ପ ଏବଂ ଉପହାର ଦେଇ ସ୍ୱାଗତ କରିଥିଲେ । କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ରସାୟନ ବିଭାଗର ଛାତ୍ର ସୁଦୀପ ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଛାତ୍ରୀ ଇସିକାରାଣୀ ଦାସ, ତାରାମଣି ନାୟକ, ଏଚ.ପି. ଯବନୀକା ଏବଂ ରଞ୍ଜିତା ଧଳ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବନର ଲକ୍ଷ୍ୟ ସାଧନ ନିମନ୍ତେ ଛାତ୍ରୀଛାତ୍ରମାନେ ଅନବରତ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ମଦନ ମୋହନ ସାହୁ, ରସାୟନ ବିଭାଗ ଅଧ୍ୟାପିକା ପୂଜାରିଣୀ ଦାସ ଏବଂ ଅଧ୍ୟାପକ ଯୋଗେଶ ଚନ୍ଦ୍ର ବେହେରା, ଗଣେଶ ଚନ୍ଦ୍ର ପରିଡା, ଅଧ୍ୟାପିକା ଇତିବାଳା ମହାପାତ୍ର, ତୃପ୍ତି ଦାସ ଏବଂ ସାଗରୀକା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କଲେଜ ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ବିକାଶ ବାରିକ, ଅମିତାଭ ପଣ୍ଡା, ଶିବଶଙ୍କର ପରିଡ଼ା, ଚନ୍ଦନ ବେହେରା, ସୁବ୍ରତ କୁମାର ବିଶ୍ୱାଳ, ପ୍ରିୟବ୍ରତ ମହାନ୍ତ, ବଳରାମ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥିବୃନ୍ଦ।

## ସଂକ୍ଷେପରେ

### ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ

**ଭଦ୍ରକ ଅଫିସ, ୨୨।୯:** ଭାଜପା ଦେବରକୁଣ୍ଡ ମଣ୍ଡଳ ପକ୍ଷରୁ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରଭାକର ସାମଲଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯାଇ ପ୍ଲାଷ୍ଟିକ ବର୍ଜନ ନିମନ୍ତେ ସଚେତନ କରାଯାଇଥିଲା। ଭଦ୍ରକ ନିର୍ବାଚନମଣ୍ଡଳୀ ଅଧୀନ ବରପଦା ସରସ୍ୱତୀ ଶିଶୁମନ୍ଦିରରେ ବୃକ୍ଷରୋପଣ, ଜଳ ସଂରକ୍ଷଣ ଓ ପ୍ଲାଷ୍ଟିକ ବର୍ଜନକୁ ନେଇ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାର୍ଥୀ ଓ ଶିକ୍ଷକମାନେ ଏସବୁ ଦିଗରେ ଗୁରୁତ୍ୱ ଦେବାକୁ ଶପଥପାଠ କରିଥିଲେ। ଶ୍ରୀଧର ନାୟକ, ଅଞ୍ଜନ ପଣ୍ଡା, ଗଙ୍ଗାଧର ବେହେରା, ବିରେନ ମହାନ୍ତି, ଅନନ୍ତ ଦାସ, ପ୍ରମୋଦ ସାମଲ, ପୂର୍ଣ୍ଣଚନ୍ଦ୍ର ସାମଲ, ଭରତ ମଲ୍ଲିକ, ନିରଞ୍ଜନ ଶୁକ୍ଳ ଓ ନିଶିକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କପ୍ତିପଦା ମହାବିଦ୍ୟାଳୟ ଶିକ୍ଷା ବିଭାଗର ସ୍ୱାଗତ ଉତ୍ସବ

**କପ୍ତିପଦା,୨୨।୯(ଡି.ଏନ.ଏ):** କପ୍ତିପଦା ମହାବିଦ୍ୟାଳୟର ଶିକ୍ଷା ବିଭାଗରେ +୩ ପ୍ରଥମ ବର୍ଷର ବିଦ୍ୟାର୍ଥୀମାନଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଦୁଷ୍ମନ୍ତ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ସିଂହ, ସମ୍ମାନନୀୟ ଅତିଥିଭାବେ ବରିଷ୍ଠ ଅଧାପକ ଶରତ କୁମାର ଦାସ, ସରୋଜ କୁମାର ଲେଙ୍କା, ସୁବ୍ରତ କୁମାର ମିଶ୍ର, ପ୍ରଣବ କିଶୋର ପାଢ଼ୀ, ସୁରଞ୍ଜନ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିଭାଗୀୟ ଅଧାପକ ଅଜିତ୍ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। +୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଶିକ୍ଷା ସମ୍ମାନର ଶିକ୍ଷାର୍ଥୀମାନେ ନବାଗତମାନଙ୍କୁ ଉପହାର ପ୍ରଦାନ ସହ ସ୍ୱାଗତ ଜଣାଇଥିଲେ। ଏହି ଉତ୍ସବକୁ ଆଦିତ୍ୟ ପ୍ରକାଶ ବେହେରା, ବିକାଶ ମଲ୍ଲିକ୍, ଭାଗବତ ଜେନା, ଦିପ୍ତୀରେଖା ମହାପାତ୍ର, ବର୍ଷା ମହାଲିକ, ମୌସୁମୀ ସାହୁ, ରାଜଶ୍ରୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ

**ବନ୍ତ, ୨୨।୯ (ଡି.ଏନ.ଏ./ସ୍ୱ.ପ୍ର):** ଭଦ୍ରକ ନୂଆବଜାରଠାରେ ଏକ ବନ୍ଧୁମିଳନ ସାକ୍ଷାତକାରରେ ଭଣ୍ଡାରିପୋଖରୀ ବିଧାୟକ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ ଜନସାଧାରଣଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ, ଲୋକଙ୍କ ସମସ୍ୟା ସହିତ ଜଡ଼ିତ ରହି ବିଭିନ୍ନ ସରକାରୀ ଯୋଜନାରେ ଦଳମତ ନିର୍ବିଶେଷରେ ପ୍ରକୃତ ହିତାଧିକାରୀଙ୍କୁ ଚୟନ କରାଯିବ। ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଓ ମାସକ ମଧ୍ୟରେ ଏମ୍‌ପି କିମ୍ବା ବିଧାୟକଙ୍କ ପାଣ୍ଠିରୁ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରାଯିବ। ଯେକୌଣସି ପରିସ୍ଥିତିରେ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ଦୃଷ୍ଟିଗୋଚରକୁ ଆସିଲେ ତୁରନ୍ତ ପଦକ୍ଷେପ ନିଆଯିବ। ଏସବୁ ବିକାଶ କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାଛଡ଼ା ତୃଣମୂଳସ୍ତରରୁ ବିଜେଡିକୁ ମଜ୍‌ଭୁତ କରିବା ସହ ପ୍ରତି ପଞ୍ଚାୟତରେ ଦଳୀୟ ସଙ୍ଗଠନକୁ ସକ୍ରିୟ କରିବା ଦିଗରେ ସେ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଏହି ସାକ୍ଷାତକାରରେ ବନ୍ତ ଅଞ୍ଚଳର ଖବରଦାତାମାନେ ଯୋଗ ଦେଇଥିଲେ।

## ଉଦାହରଣ ସାଜିଛନ୍ତି ରିଟେଲର୍

**ସନ୍ତୋଷ ରାଉତ**
**ଆନନ୍ଦପୁର,୨୨।୯**

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ୭ ନଂ ୱାର୍ଡର ରିଟେଲର୍ ସୁଦର୍ଶନ ରଣା(୫୪) ମାନବିକତାର ପରିଚୟ ଦେଇ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସରକାରଙ୍କ ନିର୍ଦ୍ଦେଶନାମାକୁ ପାଳନ କରିବାକୁ ଯାଇ ରିଟେଲର୍ ଜଣକ କାନ୍ଧରେ ଯୋଗାଣ ସାମଗ୍ରୀ ଧରି ୱାର୍ଡରେ ରହିଥିବା ଅକର୍ମଣ୍ୟ ଓ ଅସହାୟ ହିତାଧିକାରୀଙ୍କ ଘରକୁ ଯାଇ ବିତରଣ କରୁଥିବା ଦୃଶ୍ୟ ନଜରକୁ ଆସିଛି। ବିଭିନ୍ନ ସମୟରେ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରର ରିଟେଲରମାନଙ୍କ ଦ୍ୱାରା ହିତାଧିକାରୀମାନେ ଶୋଷଣର ଶିକାର ହେଉଥିବା ନେଇ ଖବର ଗଣମାଧ୍ୟମର ପୃଷ୍ଠାମଣ୍ଡନ କରିଆସୁଥିବାବେଳେ ସଂପୃକ୍ତ ରିଟେଲରଙ୍କ କାର୍ଯ୍ୟଶୈଳୀ ତଦାରଖ କରିବା ସମୟରେ ଏଭଳି ଘଟଣା ନଜରକୁ ଆସିଛି। ରିଟେଲର୍ ରଣାଙ୍କ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରରେ ପ୍ରାୟ ୧୩ ଜଣ ହିତାଧିକାରୀ ଶାରୀରିକ ଅକ୍ଷମ। ଖୁଚୁରା ବିକ୍ରୟ କେନ୍ଦ୍ରକୁ ଆସି ଯୋଗାଣ ସାମଗ୍ରୀ ନେବା ସେମାନଙ୍କ ପାଇଁ ଆସମ୍ଭବ। ତେଣୁ ସେମାନଙ୍କର ହକ ମୁତାବକ ଯୋଗାଣ ସାମଗ୍ରୀକୁ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ଦୀର୍ଘ ୨ବର୍ଷ ଧରି ରିଟେଲର ରଣା ଏହି ପ୍ରୟାସ ଜାରି ରଖିଥିବା କହିଛନ୍ତି। ସମ୍ପୃକ୍ତ ଘଟଣାକୁ ନେଇ ଉପଖଣ୍ଡ ଯୋଗାଣ ବିଭାଗ ଅଧିକାରୀ ବୁଦ୍ଧଦେବ ଜେନାଙ୍କୁ ପଚାରିବାରୁ ଏଥିନିମନ୍ତେ ବିଧିବଦ୍ଧ ଭାବେ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ନାହିଁ। ମାତ୍ର ସମ୍ପୃକ୍ତ ରିଟେଲର ଜଣକ ଯଦି ଏପରି କରୁଥାନ୍ତି ତା'ହେଲେ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ୱାର୍ଡରେ ଥିବା ଶାରୀରିକ ଅକ୍ଷମ ହିତାଧିକାରୀମାନେ ରିଟେଲରଙ୍କ ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ସଂପୃକ୍ତ ରିଟେଲରଙ୍କ ଅଧୀନରେ ୪୬୫ ହିତାଧିକାରୀ ଯୋଗାଣ ସାମଗ୍ରୀ ନେଉଛନ୍ତି। ସେଥିମଧ୍ୟରୁ ଅନ୍ତ୍ୟୋଦୟ ଯୋଜନାରେ ୯୨ ଜଣ, ଅନ୍ନପୂର୍ଣ୍ଣା ଯୋଜନାରେ ୩ ଜଣ, ଅସହାୟ ହିତାଧିକାରୀ ୧୩ ଜଣ ରହିଛନ୍ତି। ପ୍ରତିମାସ ୭୦ରୁ ୮୦ କୁଇଣ୍ଟାଲ ପର୍ଯ୍ୟନ୍ତ ଉଭୟ ଚାଉଳ ଓ ଗହମ ସଂପୃକ୍ତ କେନ୍ଦ୍ରକୁ ଯୋଗାଇ ଦିଆଯାଉଛି। ରିଟେଲର୍ ରଣା ୧୯୮୯ ମସିହାରୁ ଆନନ୍ଦପୁର ପୌରପରିଷଦ ୭ନଂ ୱାର୍ଡରେ ନିଜ କାର୍ଯ୍ୟ ଜାରି ରଖିଥିବାବେଳେ ଏଭଳି କାର୍ଯ୍ୟ କରିବାରେ ସେ ନିଜକୁ ଆତ୍ମସନ୍ତୋଷ ଲାଭ କରୁଥିବା କହିଛନ୍ତି।



ରିଟେଲର ସୁଦର୍ଶନ ରଣା।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ ଏତଲା

**ବାଲେଶ୍ୱର ଅଫିସ,୨୨।୯:** ବାଲେଶ୍ୱର ସଦର ବ୍ଲକ ଜୟଦେବକସବା ପଞ୍ଚାୟତର ନିର୍ବାହୀ ଅଧିକାରୀ ହରେକୃଷ୍ଣ ବେହେରା ଓ ହିତାଧିକାରୀ ରାଧାକାନ୍ତ ଭୂୟାଁଙ୍କ ନାମରେ ସଦର ଥାନାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏକ ଏତଲା ଦାଏର କରିଛନ୍ତି। ଜିଲାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀମାନଙ୍କୁ ଦିଆଯାଉଥିବା ଅର୍ଥ ବିନା ଗୃହ ନିର୍ମାଣ କରି ଅନ୍ୟର ଗୃହର ଫଟୋ ଦେଖାଇ ପ୍ରଦାନ କରିଥିବା ଭଳି ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ମିଳିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଅନ୍ୟପକ୍ଷରେ ରବିବାର ଏକ ଘରୋଇ ହୋଟେଲ ପରିସରରେ ଏକ ଖବରଦାତା ସମ୍ମିଳନୀ କରି ରାଧାକାନ୍ତ ଭୂୟାଁଙ୍କ ପୁଅ ତାପସ ଭୂୟାଁ ଓ ଝିଅ ସୁଜଳ ପାତ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ଜଣେ ହିତାଧିକାରୀଙ୍କୁ ମିଳିବା ପରେ ଆବେଦନ ବେଳେ ଦାଖଲ କରିଥିବା ପଟ୍ଟା ଜମିରେ ଘର ନିର୍ମାଣ କରାଯାଇପାରିବାର ନିୟମ ରହିଛି। ସେ ଜୟଦେବକସବା ଅଞ୍ଚଳର ଲୋକ ହୋଇଥିଲେ ମଧ୍ୟ ଶ୍ରୀକୋଣାରେ ଥିବା ତାଙ୍କ ଜମିରେ ଘର କରିଛନ୍ତି। ଏହାକୁ ତଦନ୍ତ ନ କରାଯାଇ ତାଙ୍କ ବାପାଙ୍କ ବିରୋଧରେ ମାମଲା କରାଯାଇଛି। ପୁନର୍ବାର ଏହାର ତଦନ୍ତ କରାଯାଇ ଏହାର ସତ୍ୟାସତ୍ୟ ଉନ୍ମୋଚନ କରିବା ପାଇଁ ସେ ଦାବି କରିଛନ୍ତି।

**ଆବାସ ଯୋଜନାରେ ହେରଫେର**

## 'ଗାନ୍ଧୀ ଦର୍ଶନ ସଦ୍‌ଭାବନା, ଶାନ୍ତି, ପ୍ରଗତିର ମୂଳମନ୍ତ୍ର'




ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୨୨।୯:** ଭଦ୍ରକ ଜିଲା ସଂସ୍କୃତି ଭବନରେ ଓଡ଼ିଶା ଗାନ୍ଧୀ ବାଳାଶ୍ରମ ପକ୍ଷରୁ ରବିବାର ସନ୍ଧ୍ୟାରେ ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ କର୍ମୀ କପିଳ ଚରଣ ଦାସଙ୍କ ୧୦ମ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଜିର ସମାଜରେ ଗାନ୍ଧୀବାଦର ଅବକ୍ଷୟ ଯୋଗୁ ସାମ୍ପ୍ରଦାୟିକ ସମସ୍ୟା ସହ ଉଗ୍ରବାଦ ମୁଣ୍ଡ ଟେକୁଛି। ଦେଶର ପ୍ରଗତି ଦିବାସ୍ୱପ୍ନରେ ପରିଣତ ହୋଇଯାଉଛି ବୋଲି ସମାରୋହରେ ଯୋଗ ଦେଇଥିବା ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାରସ୍ୱତ ସାଧକ ହୋସେନ ରବି ଗାନ୍ଧୀ ସଦ୍‌ଭାବନା, ଶାନ୍ତି ଓ ପ୍ରଗତିର ମୂଳମନ୍ତ୍ର ଗାନ୍ଧୀ ଦର୍ଶନ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ, ତ୍ୟାଗଭୂମି ସଭାପତି ଅଜୟ ନାୟକ ଓ ସ୍ୱାଧୀନତା ସଂଗ୍ରାମୀ ସଂଘ ସମ୍ପାଦକ ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଯୋଗଦେଇ ଦେଶଭକ୍ତି, ସେବା, ସାଧନା ଓ ସମାଜ କଲ୍ୟାଣରେ ସନ୍ଥ ସଂଗ୍ରାମୀ କପିଳଙ୍କ ଅନନ୍ୟ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସାହିତ୍ୟିକ ପ୍ରଫୁଲ୍ଲ ପଣ୍ଡା। ବରିଷ୍ଠ ଖବରଦାତା ପରମାନନ୍ଦ ଦାସ ପ୍ରାକ୍ ସୂଚନା ଦେଇଥିଲେ। ଏହି ଅବସରରେ ସହରର ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ ଓ ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ଓ ଅଧୀକ୍ଷକ ହୃଷୀକେଶ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଅନ୍ଧ ଦୃଷ୍ଟି' ମଞ୍ଚସ୍ଥ

**ବାଲେଶ୍ୱର ଅଫିସ, ୨୨।୯:** ବାଲେଶ୍ୱରର ସାଂସ୍କୃତିକ ଅନୁଷ୍ଠାନ 'ଶୋଭା'ର ବାର୍ଷିକ ଉତ୍ସବ ଶନିବାର ସ୍ଥାନୀୟ ଗାନ୍ଧି ସ୍ମୃତି ଭବନରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଚେୟାରମ୍ୟାନ ସିଦ୍ଧାର୍ଥ ସାରଥି ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଅନୁଷ୍ଠାନର ଅନ୍ୟତମ ନିର୍ଦ୍ଦେଶକ, ନାଟ୍ୟକାର ତଥା ବର୍ଷିଆନ ଅଭିନେତା ରବିନ୍ଦ୍ର ନାଥ ବେହେରା ମଞ୍ଚ ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥି ଭାବେ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ଇନ୍ଦ୍ରଭୂଷଣ କାନୁନ୍‌ଗୋ, ସମ୍ମାନନୀୟ ଅତିଥି ଭାବେ 'ଚିତ୍ରଦର୍ପଣ' ସିନେ ପତ୍ରିକାର ସମ୍ପାଦକ ମାଧବ ଚନ୍ଦ୍ର ପରିଡ଼ା ଯୋଗଦେଇଥିଲେ। ସମ୍ମାନିତ ପ୍ରତିଭା ଭାବେ 'ସ୍ରଷ୍ଟା'ର ସଭାପତି ପରମାନନ୍ଦ ସାହୁଙ୍କୁ ଅନୁଷ୍ଠାନ ତରଫରୁ 'ଶୋଭା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠାନର ନିଜସ୍ୱ ନାଟକ 'ଅନ୍ଧ ଦୃଷ୍ଟି' ପରିବେଷିତ ହୋଇଥିଲା। ନାଟକଟିକୁ ମୁଖ୍ୟଅତିଥି କାନୁନ୍‌ଗୋଙ୍କ ଦ୍ୱାରା ରଚିତ ହୋଇଥିବାବେଳେ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ରାମ ଚନ୍ଦ୍ର ମହାପାତ୍ର ଏବଂ ସଙ୍ଗୀତରେ ସଜାଇଥିଲେ ଗୁରୁ ନନ୍ଦକିଶୋର ଦାସ। ମଞ୍ଚ ପରିଚାଳନା ଦାୟିତ୍ୱରେ ଥିଲେ ବରିଷ୍ଠ ସଦସ୍ୟ ଚନ୍ଦ୍ରଶେଖର ପରିଡ଼ା। ଅଭିନୟରେ ଆଶିଷ, ଅର୍ଣ୍ଣବ, ମଦନ, ଲକ୍ଷ୍ମୀକାନ୍ତ, ଶୁଭଙ୍କର, ସୁବ୍ରତ, ଦେବାନନ୍ଦ, ମନୋଜ, ସତ୍ୟରଞ୍ଜନ ଓ ନାରୀ ଚରିତ୍ରରେ ମାମା ମିଶ୍ର, ସବିତା ଆଶ୍ ଖୁବ୍ ନିଖୁଣ ଅଭିନୟ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।

## ଅଖିଳ ଭାରତ ଯୁବ ସଂଘ ସମ୍ମିଳନୀ ଉଦ୍‌ଯାପିତ




ଜିଲା ସମ୍ମିଳନୀର ଉଦଯାପନୀ କାର୍ଯ୍ୟକ୍ରମରେ ଅତିଥି।

**ବନ୍ତ, ୨୨।୯ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ମହତାବ ମେମୋରିଆଲ ହଲ୍‌ରେ ଚାଲିଥିବା ଅଖିଳ ଭାରତ ଯୁବ ସଂଘର ୪ର୍ଥ ଜିଲା ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଦେଶରେ ଚାଲିଥିବା ଅର୍ଥନୈତିକ ମାନ୍ଦାବସ୍ଥା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଅର୍ଥନୈତିକ ସ୍ତମ୍ଭକାର ଡ. ସନ୍ତୋଷ ମହାପାତ୍ର ଯୋଗଦେଇ ମାନ୍ଦାବସ୍ଥାର ଜାତୀୟ ରାଜନୈତିକ ପୃଷ୍ଠଭୂମି, ପୁଞ୍ଜିପତିଙ୍କ ଲାଭ ଓ ଲାଳସା ଚରିତାର୍ଥ କରିବା ପାଇଁ ବିମୁଦ୍ରାକରଣ, ଜିଏସ୍‌ଟି ଭଳି ଅଦୂରଦ୍ରଷ୍ଟା ପଦକ୍ଷେପ ଦେଶର ଅର୍ଥନୀତିକୁ ଦେବାଳିଆ ପରିସ୍ଥିତିକୁ ନେଇଯାଇଛି ବୋଲି କହିଥିଲେ। ବିମୁଦ୍ରାକରଣ ଫଳରେ ଅସଙ୍ଗଠିତ କ୍ଷେତ୍ରରେ ଘୋର ବିପର୍ଯ୍ୟୟ ସାଙ୍ଗକୁ କୁଟୀର ଶିଳ୍ପ, ଲଘୁ ଓ ମଧ୍ୟମ ଶିଳ୍ପ ବନ୍ଦ ହେବା ଯୋଗୁ କର୍ମନିଯୁକ୍ତି ହ୍ରାସ ପାଇଛି। ଏହି ମାନ୍ଦାବସ୍ଥାର ମୁକାବିଲା ପାଇଁ ଯୁବ ଓ ଛାତ୍ର ସମାଜ କର୍ମସଂସ୍ଥାନ ସୃଷ୍ଟି, ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ଓ ମାନବ ସମ୍ବଳର ବିକାଶ ଦାବିରେ ଲଗାତାର ସଂଘର୍ଷ ଓ ଚାପ ପ୍ରୟୋଗ କରିପାରିଲେ ଏହାର ପରିବର୍ତ୍ତନ ଆସିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏକ ସମ୍ବାଦପତ୍ରର ଯୁଗ୍ମ ସମ୍ପାଦକ କିଶୋର ଜେନା ସାମ୍ପ୍ରଦାୟିକ ବିଦ୍ୱେଷର କୁପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ। ଭଦ୍ରକ ଜିଲାର ଧାମରା ବନ୍ଦରରେ ସ୍ଥାନୀୟ କର୍ମନିଯୁକ୍ତି ଦାବିରେ ସମଗ୍ର ଜିଲାରେ ଯୁବ ଛାତ୍ରମାନଙ୍କୁ ସଙ୍ଗଠିତ କରି ଆନ୍ଦୋଳନ ପାଇଁ ସମ୍ମିଳନୀରେ ସ୍ଥିର କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ଛାତ୍ର ପ୍ରତିନିଧିଙ୍କୁ ନେଇ ୨୧ ଜଣିଆ ଜିଲା ପରିଷଦ ଓ ୭ଜଣିଆ ଜିଲା କମିଟି ଗଠନ ହୋଇଛି। ସଭାପତି ଭାବେ ସାଥୀ ପରମେଶ୍ୱର ବାରିକ, ଉପସଭାପତି ସଂଗ୍ରାମ ବେହେରା, ସମ୍ପାଦକ ଦିବ୍ୟରଞ୍ଜନ ସ୍ୱାଇଁ ଓ କୋଷାଧ୍ୟକ୍ଷ ଭାବେ କଲିମୁଲ୍ଲା ଖାଁ ନିର୍ବାଚିତ ହୋଇଥିଲେ।

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ: ୩୦ ଜଣିଆ କେନ୍ଦୁଝର ଦଳ ଘୋଷିତ



କେନ୍ଦୁଝର ଟାଏକୋଣ୍ଡୋ ଦଳର ଖେଳାଳି।

**କେନ୍ଦୁଝର, ୨୨।୯ (ଡି.ଏନ.ଏ.):** କଟକର ବାରବାଟୀ ଷ୍ଟାଡିୟମରେ ଆସନ୍ତା ଅକ୍ଟୋବର ମାସ ୧ଓ ୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ୩୩ ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ୩୦ ଜଣିଆ କେନ୍ଦୁଝର ଦଳ ଆସନ୍ତା ୩୦ ତାରିଖ ଦିନ କଟକ ଗସ୍ତ କରିବେ ବୋଲି ଜଣାପଡିଛି। ଏହି ପ୍ରତିଯୋଗିତାରେ କେନ୍ଦୁଝର ଜିଲା ତରଫରୁ ବ୍ଲାକବେଲ୍ଟ ସିନିୟରରେ ଟଙ୍କଧର ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ ଓ ଜିତେନ୍ଦ୍ର ଓରାମ ପ୍ରତିନିଧିତ୍ୱ କରୁଛନ୍ତି। ଏହି ୩୦ ଜଣିଆ ଟିମର ମ୍ୟାନେଜର ଭାବେ ବ୍ଲାକବେଲ୍ଟ ମନୋଜ କୁମାର ପାତ୍ର ଓ କୋଚ ଭାବେ ବ୍ଲାକବେଲ୍ଟ ତାରଣୀ ଚନ୍ଦ୍ର ସୋରେନଙ୍କୁ ନିଯୁକ୍ତି କରାଯାଇଛି ବୋଲି କେନ୍ଦୁଝର ଜିଲା ଆର୍ମେଚର ଟାଏକୋଣ୍ଡା ଆସୋସିଏଶନର ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ ଜଣାଇଛନ୍ତି।

## କେନ୍ଦୁଝରରେ ପାହାଡ଼ି କାକୁଡ଼ିର ପସରା

**କେନ୍ଦୁଝର, ୨୨।୯ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସହର ତଥା ହାଟବଜାରରେ ବର୍ଷା ଦିନରେ ପାହାଡି କାକୁଡିର ପସରା ମେଲିଥାଏ । ପାହାଡର କଶି କାକୁଡି ର ସ୍ୱାଦ ନିଆରା । ଏଣୁ ଏହାର ଚାହିଦା ବହୁତ ରହିଛି । ଏବେ କାକୁଡି ବୁଢା ହୋଇଯାଇଥିଲେ ହେଁ ଚାହିଦା ରହିଛି । ଏହି ବୁଢା କାକୁଡିକୁ ଲୋକ ମାନେ ରାଇ ଓ ଖଟା କରି ଖାଇଥାନ୍ତି। ଏହି ବଡବଡ କାକୁଡିକୁ ବନବାସୀ ମାନେ କାଟି ଏହାର ଭିତରେ ଥିବା ମଞ୍ଜି ସହିତ କାକୁଡି କଞ୍ଚା ଖାଇଥାନ୍ତି। ବଡ ବଡ ସାଇଜର ଏହି କାକୁଡି ବହୁତ କାମ ଦାମରେ ମିଳୁଛି। କାକୁଡିକୁ ବଣପାହାଡରୁ ସହରକୁ ଆଣି ବିକୁଥିଲେ ହେଁ ସେଭଳି ଲାଭ ପାଇପାରନ୍ତି ନାହିଁ । ଏହି କାକୁଡି କଟକ, ଭୁବନେଶ୍ୱରକୁ ମଧ୍ୟ ବେପାରିମାନେ ବସ୍ତାରେ ଭର୍ତ୍ତି କରି ଟ୍ରକ, ପିକ୍‌ଅପ୍ ଭ୍ୟାନରେ ଚାଲାଣ କରି ଲାଭବାନ ହୋଇଥାନ୍ତି। ଅନେକ ସମୟରେ ପାଗ ଅନୁକୂଳ ନ ହେଲେ ନଷ୍ଟ ହୋଇଯାଏ ଏବଂ ବୋହି ଘରକୁ ନେବା ବଦଳରେ ରାସ୍ତା କଡରେ ଫିଙ୍ଗି ଦେଇ ଯାଇଥାନ୍ତି।



କେନ୍ଦୁଝର ବଜାରରେ ମହିଳାମାନେ କାକୁଡ଼ି ପସରା ମେଲିଛନ୍ତି।

## ଭୁଶୁଡ଼ିଲା ଇନ୍ଦିରା ଆବାସ ଘର



ମେନକାଙ୍କ ଇନ୍ଦିରା ଆବାସ ଗୃହ ।

**ତେଲକୋଇ, ୨୨।୯ (ଡି.ଏନ.ଏ.):** ବିପିଏଲ ଓ ଗରିବ ଲୋକଙ୍କ ପାଇଁ ଇନ୍ଦିରା ଆବାସ ଯୋଜନାରେ ଗୃହ ନିର୍ମାଣ କରାଯାଉଛି। ତେବେ ହିତାଧିକାରୀ ଗୃହ ନିର୍ମାଣ ପାଇଁ ସକ୍ଷମ ନ ହୋଇ ଠିକାଦାରଙ୍କ ଦ୍ୱାରା ନିର୍ମାଣ କାରାଇଥାନ୍ତି। ସେହିଭଳି ତେଲକୋଇ ବ୍ଲକ ପଡାଙ୍ଗ ପଞ୍ଚାୟତ ଅହିଗୋଳା ଗ୍ରାମର ହିତାଧିକାରୀ ମେନକା ପେଣ୍ଟେଇ ୨୦୧୭-୧୮ରେ ଏହି ଯୋଜନାରେ ସାମିଲ ହୋଇ ଗୃହ ନିର୍ମାଣର କାର୍ଯ୍ୟାଦେଶ ପାଇଥିଲେ। ଏହାପରେ ପଞ୍ଚାୟତ ଠିକାଦାରଙ୍କ ସହାୟତାରେ ଗୃହ ନିର୍ମାଣ ଉକ୍ତ ବର୍ଷ ସମ୍ପୂର୍ଣ୍ଣ କରାଯାଇଥିଲା । ହେଲେ ଯଥାଶୀଘ୍ର କାମ ସାରି ବୋନସ ପାଇବା ଆଶାରେ ଠିକାଦାର ତରବରିଆ ଭାବେ କାମ ସାରିଦେଇଥିଲେ। ଇନ୍ଦିରା ଆବାସ ଗୃହ ପାଇଁ ଏକ ଲକ୍ଷ ୩୦ହଜାର ଟଙ୍କାର ବ୍ୟୟବରାଦ ରହିଥିଲା। ବୋନସ ବାବଦରେ ୨୦ହଜାର ଟଙ୍କା ମିଳିଥିଲା। ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବା ପରେ ଠିକାଦାର ତାଙ୍କ ଅର୍ଥ ନେଇଯାଇଥିଲେ। ହେଲେ ଗତ ସପ୍ତାହରେ ଗୃହର କାନ୍ଥ ଭୁଶୁଡିବା ସହିତ ଛାତ ଓହଳି ପଡିଥିଲା। ଏବେ ହିତାଧିକାରୀଙ୍କ ୫ପ୍ରାଣୀ କୁଟୁମ୍ବ ଭଙ୍ଗା କୁଡିଆରେ ରହୁଛନ୍ତି। ଏସମ୍ପର୍କରେ ବିଡିଓ ଦିଲୀପ କୁମାର ବାରାଙ୍କୁ ପଚାରିବାରୁ ଏହାର ତଦନ୍ତ କରି ତୁରନ୍ତ ଉକ୍ତ ଗୃହର ପୁନଃ ନିର୍ମାଣ ପାଇଁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଥିଲେ ।

## ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କୁ ଶୋଷଣ

**କେନ୍ଦୁଝର, ୨୨।୯ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ମୁଖ୍ୟାଳୟରେ ବିଭିନ୍ନ ୱାର୍ଡରେ କେତେକ ଆଟେଣ୍ଡାଣ୍ଟ ରୋଗୀ ମାନଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରୁଥିବାରୁ ବିବାଦ ସୃଷ୍ଟି ହେଉଛି। ମେଡିସିନ ୱାର୍ଡରେ ଏଭଳି ସମସ୍ୟା ଅଧିକ ଦେଖିବାକୁ ମିଳୁଛି। ରୋଗୀ ମାନଙ୍କୁ ଏଠାରୁ ରେଫର କରାଯିବା ସମୟରେ ଘରୋଇ ଆମ୍ବୁଲାସନରେ କଟକ, ଭୁବନେଶ୍ୱରକୁ ପଠାଇ ରୋଗୀ ମାନଙ୍କୁ ଅଯଥା ଖର୍ଚ୍ଚାନ୍ତ କରୁଥିବା ଅଭିଯୋଗ ହେଉଛି। ସରକାରୀ ଆମ୍ବୁଲାନ୍ସରେ ପଠାଇଲେ କଟକ ବଡ ଡାକ୍ତରଖାନାକୁ ସିଧାସଳଖ ରୋଗୀଙ୍କୁ ନିଆଯାଏ। ଏଣୁ ଘରୋଇ ଆମ୍ବୁଲାନସରେ ରୋଗୀଙ୍କୁ କଟକ, ଭୁବନେଶ୍ୱରର ଘରୋଇ ଡାକ୍ତରଖାନା, ନର୍ସିଂହୋମକୁ ପଠାଇ ରୋଗୀ ଙ୍କୁ ଅଯଥା ଖର୍ଚ୍ଚାନ୍ତ କରି ଲୁଟ କରୁଥିବା ଅଭିଯୋଗ ହେଉଛି। ଏନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ହେଁ କେହି ଶୁଣୁ ନ ଥିବାରୁ ରୋଗୀଙ୍କ ପ୍ରତି ଶୋଷଣ ବଢୁଛି ଏବଂ ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗୁଛି । ଏନେଇ ଧରପଗଡ କରିବାକୁ ଦାବି ହେଉଛି। ସେହିପରି କେତେକ ସିକ୍ୟୁରିଟି ଗାର୍ଡ ମଧ୍ୟ ଗରିବ ରୋଗୀଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରୁଛନ୍ତି। ମେଡିକାଲରେ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା ମାଗଣାରେ ହୋଇଥାଏ। ଏହା ସତ୍ତ୍ୱେ ବାହାର କ୍ଲିନିକର କର୍ମଚାରୀ ମାନେ ୱାର୍ଡରେ ପଶି ରକ୍ତ ନେଇ ବାହାରେ ପରୀକ୍ଷା କରି ଶୋଷଣ କରୁଥିଲେ ହେଁ ସିକ୍ୟୁରିଟି ଗାର୍ଡ କିମ୍ବା ଡାକ୍ତରଖାନା ପ୍ରଶାସନ ପଦକ୍ଷେପ ନେଉ ନାହାନ୍ତି। ଏସମ୍ପର୍କରେ ଏଡିଏମଓ (ମେଡିକାଲ) ଡକ୍ଟର ଗୁରୁପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରୋଗୀ ସେବା ଓ ସେମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।




ଜିଲା ମୁଖ୍ୟ ଚିକିତ୍ସାଳୟ।

